ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.207, Bhubaneswar Wednesday, September 25, 2019 | ୨୨ତମ ବର୍ଷ ସଂଖ୍ୟା–୨୦୭ ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୫, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପିଓକେରେ ଭୂକମ୍ପର ତାଣ୍ଡବ ଲୀଳା

### ୮ ମୃତ , ୨୦୦ରୁ ଉର୍ଦ୍ଧ୍ୱ ଆହତ ; ଥରିଲା ଉତର ଭାରତ

ଶ୍ରୀନଗର/ନୂଆଦିଲ୍ଲୀ, ୨୪।୯ (ପି.ଏନ): ପାକ୍ ଅଧିକୃତ ପାକିସ୍ତାନ (ପିଓକେ)ମଙ୍ଗଳବାର ଅପରାହ୍ନରେ ଭୂକମ୍ପ ଯୋଗୁଁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅପରାହ୍ନ ୪ ଟା ୩୫ ରେ ହୋଇଥିବା ଏହି ଭୂକମ୍ପର କେନ୍ଦ୍ରସ୍ଥଳ ପିଓକେ ର ଜାଟଲାନ୍ ଅଂଚଳ ବୋଲି କୁହାଯାଉଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୩ ଆକଳନ କରାଯାଇଛି। ଏହାର ପ୍ରଭାବ ଉତର ଭାରତ ଉପରେ ମଧ୍ୟ ପଡିଛି। ଭୂକମ୍ପ ପ୍ରଭାବରେ ପିଓକେର ମୀରପୁର ଅଂଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ଗୁଡିକରେ ଫାଟ ସୃଷ୍ଟି ହେବା ସହ ଗାଡି ଗୁଡିକ ଓଲଟି ପଡିଛି। ତେବେ ଭାରତରେ ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ଅପରାହ୍ନରେ ଜମ୍ମୁ ଓ କାଶ୍ମୀର ସମେତ ହରିୟାନା , ପଂଜାବ , ଦିଲ୍ଲୀ , ହିମାଂଚଳପ୍ରଦେଶ ଆଦି ଅଂଚଳରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା। ଲୋକମାନେ ଭୟଭୀତ ହୋଇ ଘର ଓ ଅଫିସ୍ ବାହାରକୁ ଚାଲି ଆସିଥିଲେ। ଭୂକମ୍ପ ପରେ ପାକିସ୍ତାନ ସରକାର ପକ୍ଷରୁ ମେଡିକାଲ ଟିମ୍ ଏବଂ ସେନା ବାହିନୀକୁ ଉଦ୍ଧାର ପାଇଁ ଘଟଣା ସ୍ଥଳକୁ ପଠାଯାଇଛି। ରିକ୍ଟର୍ ସ୍କେଲରେ ଭୂକମ୍ପର ତୀବ୍ରତା ୬.୩ ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପାକିସ୍ତାନ ପକ୍ଷରୁ ଭୂକମ୍ପର ତୀବ୍ରତା ୫.୮ ବୋଲି କୁହାଯାଇଛି। ଭୂକମ୍ପର କେନ୍ଦ୍ର ସ୍ଥଳ ପିଓକେର ମୀରପୁରଠାରେ ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଭୂକମ୍ପର ଝଟକା ସିଆଲକୋଟ୍, ସରଗୋଧା, ମନଶେହରା, ଗୁଜରାଟ, ଚିତ୍ରାଲ, ମଲକାନ୍ଦା, ସଂଘଲା, ବାଜାଉର, ସ୍ୱତ, ସାହିୱଲ, ରହିମ ୱାର ଖାନ ଓ ମୀରପୁରରେ ଅନୁଭୂତ ହୋଇଛି।ଏହାବାଦ୍ ପାକିସ୍ତାନର ଲାହୋର, ଇସଲାମାବାଦ, ରାୱଲପିଣ୍ଡି ଓ ପେଶୱାର ଭଳି ବଡ଼ବଡ଼ ସହରରେ ମଧ ଲୋକମାନେ ଭୂକମ୍ପ ପରେ ଦୀର୍ଘ ସମୟ ଧରି ଘର ବାହାରେ ଆଶ୍ରୟ ନେଇଥିଲେ।

## ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ଉ

ବଲାଙ୍ଗିର, ୨୪।୯(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପୂର୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ପାତ୍ରଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଆଜି ସକାଳେ ତାଙ୍କ ପୈତୃକ ଘର, ଭାଇଙ୍କ ଘର ଓ ଲାଇନ୍ ପଡାରେ ଥିବା ଅଫିସ୍ ରେ ଏକ ସଙ୍ଗେ ଚଢ଼ଉ କରାଯାଇଥିଲା । ବଲାଙ୍ଗିର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲଙ୍କ ନେତୃତ୍ୱରେ ବଲାଙ୍ଗିର, ବରଗଡ଼, ସୋନପୁର, ସମ୍ବଲପୁର ଓ ରାଉରକେଲାରୁ ଆସିଥିବା ୫ଟି ଟିମ୍ ଏହି ଚଢ଼ଉରେ ସାମିଲ୍ ହୋଇଥିଲେ । ଚଢ଼ଉ ବେଳେ ଏସବୁ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ବିଭାଗୀୟ ଅଧିକାରୀ ମାନେ ଜବତ କରିଛନ୍ତି । ତେବେ ଯାଂଚ୍ ପ୍ରକ୍ରିୟା ଜାରୀ ରହିଥିବାରୁ ତାଙ୍କର ସବିଶେଷ ସମ୍ପତି ତାଲିକା ମିଳିପାରିନାହିଁ ।



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କଟକ ବାର ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ

## ସୈନିକସ୍କୁଲ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଅବଧି ଅକ୍ଟୋବର ୧୦କୁ ବୃଦ୍ଧି

ଭୁବନେଶ୍ୱର ,୨୪।୯(ପି.ଏନ): ସର୍ବଭାରତୀୟ ସୈନିକସ୍କୁଲ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଅବଧି ଆସନ୍ତା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ୨୩ ସେପ୍ଟେମ୍ବର ଥିଲା। ଯେଉଁ ପରୀକ୍ଷାର୍ଥୀମାନେ କୌଣସି କାରଣରୁ ପୂର୍ବନିର୍ଦ୍ଧାରିତ ତାରିଖ ଭିତରେ ଆବେଦନ କରିପାରି ନାହାଁନ୍ତି , ସେମାନେ ସୈନିକସ୍କୁଲ ଭୁବନେଶ୍ୱର(ଷଷ୍ଠ,ନବମ ଶ୍ରେଣୀ) ଓ ସୈନିକସ୍କୁଲ ସମ୍ବଲପୁର(ଷଷ୍ଠ ଶ୍ରେଣୀ) ପାଇଁ ସୈନିକସ୍କୁଲ ଆଡମିଶନ୍ ଡଟ୍ ଇନ୍ ରେ ଅକ୍ଟୋବର ୧୦ ତାରିଖ ସୁଦ୍ଧା ଆବେଦନ କରିପାରିବେ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ବିଜେପୁର ଉପନିର୍ବାଚନ : ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୪।୯(ପି.ଏନ): ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୟନ କରିବା ପାଇଁ କଂଗ୍ରେସ ଭବନ ଠାରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସୁପାରିଶ ତାଲିକା ସମ୍ପର୍କରେ ପ୍ରଥମେ ପିସିସି ସଭାପତିଙ୍କୁ ଅବଗତ କରାଯିବା ପରେ ଅନୁମୋଦନ ପାଇଁ କେନ୍ଦ୍ରୀୟ କମିଟିକୁ ପଠାଯିବ।ଏହାପରେ କେନ୍ଦ୍ରୀୟ କମିଟି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଏହି ବୈଠକରେ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଅନୁପସ୍ଥିତ ଥିଲେ। ବିଧାୟକ ସନ୍ତୋଷ ସିଂହ ସାଲୁଜା, ଯଜ୍ଞେଶ୍ୱର ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପରେ ଶ୍ରୀ ମିଶ୍ର କହିଛନ୍ତି ଯେ ଆଜି କିମ୍ବା କାଲି ବିଜେପୁର ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରେ। ସେହିପରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହି ବୈଠକରେ ୫ଟି ନାମ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ରୀୟ କମିଟି ଯାହାଙ୍କର ନାମ ନେବେ ସେ ହିଁ ପ୍ରାର୍ଥୀ ହେବେ।

## ରାଉରକେଲା ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କଲେ ସିସୋର ନିର୍ଦ୍ଦେଶକ ପ୍ରଶାନ୍ତ ଦାଶ

ଭୁବନେଶ୍ୱର, ୨୪।୯(ପି.ଏନ): ସିସୋର ଚିଟଫଣ୍ଡ ସଂସ୍ଥାର ନିର୍ଦ୍ଦେଶକ ପ୍ରଶାନ୍ତ ଦାଶ ଆଜି ରାଉରକେଲା ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ରଘୁନାଥପାଲି ଥାନାରେ ଥିବା ଏକ ଠକେଇ ମାମଲାରେ ସେ ଆତ୍ମସମର୍ପଣ କରିଛନ୍ତି। ଏହି ମାମଲାରେ ତଳକୋର୍ଟରେ ଅତ୍ମସମର୍ପଣ କରିବାକୁ ହାଇକୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୩ ମସିହାରେ ରାଉରକେଲାର କୈଳାସ ଲେଙ୍କା ନାମକ ଏକ ବ୍ୟବସାୟୀଙ୍କଠାରୁ ପ୍ରଶାନ୍ତ ୭୫ ଲକ୍ଷ ଟଙ୍କା ନେଇ ଫେରାଇ ନଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଥିଲା। ସିସୋର ଚିଟଫଣ୍ଡ ଠକେଇ ମାମଲା ପୂର୍ବରୁ ତାଙ୍କ ବିରୋଧରେ ୮ଟି ମାମଲା ଚାଲିଛି। ଚିଟଫଣ୍ଡ ଠକେଇରେ ସଂପୃକ୍ତ ଥିବାରୁ ତାଙ୍କୁ ୨୦୧୩ରେ କ୍ରାଇମବ୍ରାଂଚ ଗିରଫ କରିଥିଲା।

## ବିସ୍ଫୋରଣରେ ଡ଼ିଜେଲ୍ ଟ୍ୟାଙ୍କର ଉଡାଇଲେ ନକ୍ସଲ : ଡ୍ରାଇଭର ସମେତ ୩ ମୃତ

କାଙ୍କେର,୨୪।୯(ପି.ଏନ):ଛତିଶଗଡ଼ର ନକ୍ସଲ ଉପଦୃତ କାଙ୍କେର ଜିଲ୍ଲାର ତାଡୋକି ଥାନା ଅନ୍ତର୍ଗତ ତୁମପାଲ ଠାରେ ଆଜି ପୂର୍ବାହ୍ନରେ ମାଓବାଦୀ ମାନେ ବିସ୍ଫୋରଣ ଘଟାଇ ଏକ ଡ଼ିଜେଲ୍ ଟ୍ୟାଙ୍କରକୁ ଉଡ଼ାଇ ଦେଇଛନ୍ତି। ଏହି ବିସ୍ଫୋରଣରେ ଟ୍ୟାଙ୍କର ମଧ୍ୟରେ ଥିବା ଡ୍ରାଇଭର ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ରାଓଘାଟ ରେଳ ଲାଇନ ପ୍ରକଳ୍ପରେ ସିଓବି ତୁମପାଲ ଏବଂ ସିଓବି କୋସୋରଣ୍ଡା ମଧ୍ୟରେ ଏସଏସବି ସୁରକ୍ଷା ଲାଇନ୍ କାମକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ସଶସ୍ତ୍ର ନକ୍ସଲ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏହି ଡ଼ିଜେଲ୍ ଟ୍ୟାଙ୍କରଟିକୁ ଟାର୍ଗେଟ୍ କରିଥିଲେ । ଫଳରେ ବିସ୍ଫୋରଣରେ ଗାଡି ଚାଳକ ଓ ସହ ଚାଳକଙ୍କ ସମେତ ଜଣେ ହେଲପରଙ୍କ ମୃତ୍ୟୁ ଘଟିଥିଲା । ବସ୍ତର ଆଇଜି ବିବେକାନନ୍ଦ ସିହ୍ନା ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ବିସ୍ଫୋରଣ ସମ୍ପର୍କରେ ଖବର ପାଇବା ପରେ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଂଚିଛନ୍ତି । ଘଟଣାସ୍ଥଳରେ ଯବାନ ମାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ତୁମପାଲ ଗ୍ରାମ ଠାରୁ ୨ କି.ମି. ଆଗକୁ ତାଡୋକି ଥାନା ଅନ୍ତର୍ଗତ କୋଶେରୋଣ୍ଡା ମଧ୍ୟରେ ରାଓଘାଟ ରେଳ ପ୍ରକଳ୍ପ ଅନ୍ତର୍ଗତ ରେଲୱେ ଟ୍ରାକ୍ ନିର୍ମାଣ କାର୍ଯ୍ୟରେ ଲାଗିଥିବା ଠିକା ସଂସ୍ଥା ଆର୍. ଇନଫ୍ରାଷ୍ଟ୍ରକଚର୍ କମ୍ପାନୀ, ଭିଲାଇ, ହାଲ୍ ମୁଖ୍ୟାଳୟ ଅଂତାଗଡ଼ର ଏହି ଗାଡି ନଂ ସିଜି୦୭ ବିଡ଼ି ୪୨୯୧ କୁ ନକ୍ସଲ ମାନେ ବିସ୍ଫୋରଣରେ ଉଡାଇ ଦେଇଛନ୍ତି । ଫଳରେ ଗାଡି ମଧ୍ୟରେ ଥିବା ତିନି ଜଣଙ୍କର ମୃତ୍ୟୁ ଘଟିଛି । ସେମାନେ ହେଲେ କୋଣ୍ଡାଗାଓଁର ଗାଡି ଚାଳକ ରାକେଶ କୋଡ଼ୋପି, ମଧ୍ୟପ୍ରଦେଶ ରାଜ୍ୟ ମଣ୍ଡଲା ଜିଲ୍ଲାର ଦୁନେଶ୍ୱର ସିଂହ ଏବଂ ଗାଡିର ହେଲପର ଛତିଶଗଡ଼ କାକେଂର ଜିଲ୍ଲା ରାମଘାଟ ଥାନା ଅନ୍ତର୍ଗତ ମୁଣ୍ଡପାର ଗ୍ରାମର ଅଂକାଲୁରାମ ସଲାମ । ଅନ୍ୟପକ୍ଷରେ ବିସ୍ଫୋରଣ ସମ୍ପର୍କରେ ଖବର ପାଇ କାଂକେର ଏସପି କନ୍ହେୟାଲାଲ୍ ଧ୍ରୁବ ସୁରକ୍ଷାବହିନୀର ଏକ ଟିମ୍ ସହିତ ଘଟଣାସ୍ଥଳରେ ପହଂଚିଥିବା ନେଇ ସେ ସୂଚନା ଦେଇଛନ୍ତି ।

## ୨୭ ଯାଏଁ ଉତ୍ତର ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୪।୯(ପି.ଏନ): ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ଏହାର ଆଖପାଖ ଅଂଚଳରେ ଘୂର୍ଣ୍ଣି ବଳୟ ସୃଷ୍ଟି ହେବା ଫଳରେ ତା'ର ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସାତଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହିସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ମଧ୍ୟରେ ରଖାଯାଇଛି। ସେଗୁଡ଼ିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ। ସେହିପରି ୟେଲୋ ୱାର୍ଣ୍ଣିଂ ଆଠଟି ଜିଲ୍ଲାରେ ରଖାଯାଇଛି। ସେଗୁଡ଼ିକ ହେଲା ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ ଓ ଢେଙ୍କାନାଳ। ଏହିସବୁ ଜିଲ୍ଲାମାନଙ୍କରେ ଘଡ଼ଘଡ଼ି ସହ ବର୍ଷା ହେବ। ୨୬ ତାରିଖରେ ଚାରିଟି ଜିଲ୍ଲାରେ ବର୍ଷା ହେବ। ସେଗୁଡ଼ିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର। ଏହି ସମୟ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ଲାଗିରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୨୭ ତାରିଖ ବେଳକୁ ବର୍ଷାର ପରିମାଣ କମିପାରେ ବୋଲି ଆଂଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଅମିତାଭ ବଚ୍ଚନ ପାଇବେ ଦାଦା ସାହେବ୍ ଫାଲକେ ପୁରସ୍କାର

ମୁମ୍ବାଇ, ୨୪।୯(ପି.ଏନ): ବଲିଉଡ୍ ର ଶେହନଶାହ ବିଗ୍ ବି ସୁପରଷ୍ଟାର ଅମିତାଭ ବଚ୍ଚନ ପାଇବେ ଭାରତର ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ ଦାଦା ସାହେବ୍ ଫାଲକେ ପୁରସ୍କାର। ଜୀବନ ବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଟ୍ୱିଟ୍ କରି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଜାଭଡେକର ଟ୍ୱିଟ୍ କରିଛନ୍ତି ଯେ ଗତ ୨ ପିଢି ଧରି ଆମକୁ ମନୋରଞ୍ଜନ ଏବଂ ପ୍ରେରଣା ଯୋଗାଇ ଆସିଥିବା କିମ୍ବଦନ୍ତୀ ଅମିତାଭ ବଚ୍ଚନଙ୍କୁ ଦାଦା ସାହେବ୍ ଫାଲକେ ସମ୍ମାନ ପାଇଁ ମନୋନୀତ କରଯାଇଛି। ପୂରା ଦେଶ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମାନେ ଏଥିରେ ଖୁସି ପ୍ରକାଶ କରିଛନ୍ତି। ଏହାସହ ସେ ଅମିତାଭଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୂଚନାଯୋଗ୍ୟ ପ୍ରସିଦ୍ଧ ସିନେ ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ସଂଳାପ ଲେଖକ ଧୁନ୍ଦିରାଜ ଗୋବିନ୍ଦ ଫାଲକେ ବା ଦାଦା ସାହେବ୍ ଫାଲକେଙ୍କ ନାମରେ ଏହି ପୁରସ୍କାର ଦିଆଯାଇଥାଏ।

## ଅନ୍ନଦାତା ଚାଷୀ ଭାଇଙ୍କୁ ଉର୍ଜା ଦାତା କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୯(ପି.ଏନ): ନୂଆଦିଲ୍ଲୀ ଠାରେ ସୋମବାର ସିଆଇଆଇ ପକ୍ଷରୁ ଆୟୋଜିତ ଜୈବ ଇନ୍ଧନ ଶକ୍ତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେଶର ଅନ୍ନଦାତା ଚାଷୀ ଭାଇଙ୍କୁ ଉର୍ଜାଦାତା କରିବା ଭାରତ ସରକାରଙ୍କର ପ୍ରଥମିକତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହିଅବସରରେ ଶ୍ରୀ ପ୍ରଧାନ 'ଫାର୍ମ ଟୁ ଫୁଏଲ' ଉଦଘାଟନ କରିଥିଲେ ।ଶ୍ରୀ ପ୍ରଧାନ କହିଛନ୍ତି ଯେ କୃଷି ବର୍ଜ୍ୟ, ଆଦିବାସୀ ଅର୍ଥନୀତିର କେନ୍ଦ୍ର ବିନ୍ଦୁ ଲଘୁ ବନଜାତ ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତି ଆମକୁ ପେଟ୍ରୋଲ ଡିଜେଲ୍ ପରି ଫସିଲ୍ ଉର୍ଜା ଆମଦାନୀକୁ କମ୍ କରିବାରେ ସହାୟକ ହେବ । ଏହାଦ୍ୱାରା ଆମର ଆମଦାନୀ କମ୍ ହୋଇ ଅର୍ଥନୀତି ମଜବୁତ୍ ହେବା ସହ ଚାଷୀ ଭାଇ ମାନଙ୍କର ମଧ୍ୟ ଆର୍ଥିକ ବିକାଶ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱରେ ଉର୍ଜା କ୍ଷେତ୍ର ଅନ୍ୟ କ୍ଷେତ୍ର ମାନଙ୍କ ଠାରୁ ଭିନ୍ନ ଅଟେ । ଭାରତ ସରକାର ଗରିବରୁ ଧନୀ ସମସ୍ତଙ୍କ ନିକଟରେ ଶସ୍ତା ଏବଂ ସୁସ୍ଥ ଇନ୍ଧନ ପହଁଚାଇବା ଦିଗରେ କାମ କରୁଛନ୍ତି ।




ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତ ବିଶ୍ୱର ୧ ନମ୍ବର ସର୍ବବୃହତ ଉର୍ଜା ବ୍ୟବହାରକାରୀ ଦେଶ ହେବ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ୟୁଏସ୍ ଏଲଏନଜି ଆମଦାନୀ ପାଇଁ ଭାରତ ଏବଂ ୟୁଏଇ ମଧ୍ୟରେ କ୍ଷେତ୍ରରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏଥିରୁ ଭାରତର ପରିବେଶ ସହଯୋଗୀ ବା ସ୍ୱଚ୍ଛ ଇନ୍ଧନକୁ ବୃଦ୍ଧି କରିବାର ଯେଉଁ ଦାୟିତ୍ୱ ତାହା ପରିଲକ୍ଷିତ ହେଉଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେରିକା ଭଳି ଇଥାନଲ, ୨ଜି ଇଥାନଲ୍, ବାୟୋଡିଜେଲ୍ ଏବଂ କମ୍ପ୍ରେସଡ୍ ବାୟୋ ଗ୍ୟାସକୁ ନେଇ ଆମେ ଦୁନିଆର ଭୌଗଳିକ ସ୍ଥିତିକୁ ବଦଳାଇପାରିବା । ମୋଦି ସରକାର ଅନ୍ନଦାତାଙ୍କୁ ଉର୍ଜାଦାତା ବନେଇବା ପାଇଁ ଚଳିତ ବଜେଟରେ ବାୟୋ ଅର୍ଥନୀତିକୁ ସାମିଲ କରିଛନ୍ତି । ଜୈବ ଶକ୍ତି କ୍ଷେତ୍ରକୁ ମଜବୁତ୍ କରାଗଲେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଅନ୍ନଦାତା ଉର୍ଜାଦାତା ହୋଇପାରିବେ । ସେହିପରି ୨ଜି ଇଥାନଲ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ପୁଣି ପୁରୁଣାବଜାରରୁ ନକଲି ଜର୍ଦ୍ଦା କାରଖାନା ଠାବ : ପେକିଂ ମେସିନ୍ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ, ୩ ଅଟକ

ଭଦ୍ରକ, ୨୪।୯(ପି.ଏନ): ବିଭିନ୍ନ ନାମୀଦାମୀ କଂପାନୀର ନକଲି ଜର୍ଦ୍ଦା କାରଖାନାର ପେଣ୍ଠସ୍ଥଳୀ କୁହାଯାଉଥିବା ଭଦ୍ରକ ପୁରୁଣାବଜାର ଅଂଚଳରେ ୩ଟି ସ୍ଥାନରେ ଚଢାଉ କରାଯାଇ ପୁଣି ଆଉ ୩ଟି କାରଖାନାର ଠାବ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ନିକଟରେ ବଦଳି ହୋଇଥିବା ପୁରୁଣାବଜାର ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତିଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଏହି ଅଂଚଳର ବିଭିନ୍ନ ସ୍ଥାନ ଉପରେ ଚଢାଉ କରି ବର୍ଷ ବର୍ଷ ଧରି ଚାଲିଆସୁଥିବା ବିଭିନ୍ନ ନାମୀଦାମୀ କଂପାନୀର ନକଲି ଜର୍ଦ୍ଦା କାରଖାନା ଜବତ କରି ଚର୍ଚ୍ଚାକୁ ଆସିଥିଲେ। ସେ ଯିବାପରେ ପୁଣିଥରେ ଏହି ଜର୍ଦ୍ଦା ମାଫିଆଙ୍କ ପ୍ରାର୍ଦୁଭାବ ଦେଖାଦେଇଛି। କୌଣସି ସୂତ୍ରରୁ ଖବର ପାଇ ଆଜି ଜିଲା ଆରକ୍ଷୀ ଅଧିକ୍ଷକ ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କ ନେତୃତ୍ୱରେ ଉଭୟ ସହରାଞ୍ଚଳ ଥାନାଧିକାରିଣୀ ସରୋଜିନୀ ସିଂ, ଏସ୍‌ଆଇ ଦୀପକ ରଂଜନ ଜେନା ଓ ପୁରୁଣାବଜାର ଥାନାର ଏସ୍.ଆଇ. ପ୍ରିୟଦର୍ଶନ ସେଠୀ, ପି.ଏଲ୍. ବେହେରାଙ୍କ ମିଳିତ ସହଯୋଗରେ ପୁଣିଥରେ ପୁରୁଣାବଜାର ଥାନା ଅଧୀନସ୍ଥ ମିର୍ଜାପୁର ଅଂଚଳରେ ଦୀର୍ଘଦିନ ଧରି ଚାଲୁଥିବା ନକଲି ଜର୍ଦ୍ଦା କାରଖାନା ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ କାଳରେ ବିଭିନ୍ନ ପ୍ରତିଷ୍ଠିତ କଂପାନୀର ଲୋଗୋ ଥିବା ଡବା, ରାସାୟନିକ ପଦାର୍ଥ, ଜରି ପ୍ୟାକେଟ୍ ଓ ପ୍ରସ୍ତୁତ ସାମଗ୍ରୀ ସହ ପେକିଂ ମେସିନ୍‌କୁ ପୁଲିସ୍ ଜବତ କରିଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଚଢାଉ କାଳରେ ଏଥିରେ ସଂପୃକ୍ତ ଥିବା ୨ ଜଣ ଯୁବକ ଓ ଜଣେ ନାବାଳକକୁ ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଥିବାର ଜଣାପଡିଛି। ତେବେ ଏହି ଜର୍ଦ୍ଦା କାରବାର ପଛରେ ଥିବା ମାଷ୍ଟରମାଇଣ୍ଡର ଠିକଣା ନେଇ ପୁଲିସ୍ ଖୋଳତାଡ ଆରମ୍ଭ କରିଛି।

## ସବୁ ବ୍ଲକ୍‌ରେ ଖୋଲିବ ଡ୍ରାଇଭିଂ ଲାଇସେନ୍ସ ଓ ପଲ୍ୟୁସନ୍ ଟେଷ୍ଟିଂ କ୍ୟାମ୍ପ୍

ଭୁବନେଶ୍ୱର ,୨୪।୯(ପି.ଏନ): ପ୍ରତି ବ୍ଲକ୍ ଓ ସବ ଡିଭିଜନ୍ ସ୍ତରରେ ଡ୍ରାଇଭିଂ ଲାଇସେନ୍ସ ଓ ପଲ୍ୟୁସନ୍ ଟେଷ୍ଟିଂ କ୍ୟାମ୍ପ୍ କରାଯିବ। ପ୍ରଥମେ ଲର୍ଣ୍ଣିଂ ଲାଇସେନ୍ସ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ସେ କହିଛନ୍ତି ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ହୋଇଥିବା ପ୍ରଦୂଷଣ ସାର୍ଟିଫିକେଟ୍ ବୈଧ ଅଟେ। ୬ ମାସ ପର୍ଯ୍ୟନ୍ତ ଏହାର ବୈଧତା ରହିବ। ଅକ୍ଟୋବର ୧ ତାରିଖ ଠାରୁ ଅନଲାଇନ୍ ପଲ୍ୟୁସନ୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ ହେବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କେତେକ ସ୍ପଷ୍ଟୀକରଣ ଦେଇ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ନଭେମ୍ବର ୩୦ ସୁଦ୍ଧା ଗାଡିର ସବୁ କାଗଜପତ୍ର ପ୍ରସ୍ତୁତ ରଖିବା ଲାଗି ଗାଡିମାଲିକମାନଙ୍କୁ କୁହାଯାଇଛି । ଏହାର ଅର୍ଥ ହେଉଛି ନଭେମ୍ବର ୩୦ ପରେ ହିଁ ପ୍ରଦୂଷଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଯାଂଚ କଡାକଡି କରାଯିବ । କେବଳ ଆସନ୍ତା ୧ ତାରିଖଠାରୁ ପ୍ରଦୂଷଣ ଯାଂଚ କେନ୍ଦ୍ରରେ ଆଉ ମାନୁଆଲ ପଲ୍ୟୁସନ ସାର୍ଟିଫିକେଟ୍ ବଦଳରେ ଅନଲାଇନରେ ପଲ୍ୟୁସନ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ପିୟୁସି ଭେଣ୍ଡର ଏହାକୁ ଅନଲାଇନରେ ଗାଡିମାଲିକଙ୍କ ନିକଟକୁ ପଠାଇବେ। ଗାଡିମାଲିକମାନେ ଏମପରିବହନ ଆପରେ ନିଜ ପଲ୍ୟୁସନ ସାର୍ଟିଫିକେଟ୍‌କୁ ଦେଖିପାରିବେ ।

## ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୯ ମୃତ : ଡାକ୍ତରଖାନାରେ ମିଳୁନି ସାପ କାମୁଡ଼ା ଇଞ୍ଜେକସନ୍

ଭୁବନେଶ୍ୱର, ୨୪।୯(ପି.ଏନ):ସାପ କାମୁଡ଼ାରେ ରାଜ୍ୟର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ତିନି ଜଣଙ୍କର ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ଅନ୍ତର୍ଗତ ଟେପାର ଗ୍ରାମରେ ମାଆ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ଗଜାମ୍ବ ଗ୍ରାମରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଗତ ରାତିରେ ଘଟିଯାଇଛି ଏଭଳି ଅଘଟଣ । କନ୍ଧମାଳ କ. ନୂଆଗାଁ ବ୍ଲକ ଟେପାର ଗ୍ରାମରେ ସାପ କାମୁଡ଼ାରେ ମାଆ ପୁଅଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ରାଜଲକ୍ଷ୍ମୀ ପ୍ରଧାନ (୩୫) ଓ ତାଙ୍କର ୮ ବର୍ଷୀୟ ପୁଅ ଆଦିତ୍ୟ ପ୍ରଧାନ । ରାଜଲକ୍ଷ୍ମୀ ଜଣେ ଅଙ୍ଗନବାଡ଼ି କର୍ମୀ ଥିଲେ । ଗତକାଲି ରାତିରେ ମାଆ ପୁଅ ଘରେ ଶୋଇଥିବା ବେଳେ କୌଣସି ବିଷଧର ସାପ ସେମାନଙ୍କୁ କାମୁଡ଼ି ଦେଇଥିଲା । ହେଲେ ସେମାନେ ପ୍ରଥମେ ଏ ସମ୍ପର୍କରେ କିଛି ଜାଣି ପାରିନଥିଲେ । ଆଜି ସକାଳେ ଉଭୟେ ଅସୁସ୍ଥତା ଅନୁଭବ କରିବା ପରେ ପରିବାର ଲୋକେ ସେମାନଙ୍କୁ କ.ନୂଆଗାଁ ହସ୍ପିଟାଲରେ ଭର୍ତି କରିଥିଲେ । ତେବେ ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ । ରାଜଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ଅନ୍ୟ ଏକ ଘଟଣା କ୍ରମେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ଗଜାମ୍ବ ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାଁ ମାଧବାନନ୍ଦ ମାରଣ୍ଡି । ସେ ଔପଦା କଲେଜରେ ଯୁକ୍ତ ଦୁଇର ଛାତ୍ର ଥିଲେ । ଗତକାଲି ରାତ୍ରି ଭୋଜନ ପରେ ସେ ଘରେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା । ଚିକିତ୍ସା ନିମନ୍ତେ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରକାଶ ଥାଉ କି, ଗତ ରବିବାର ରାତିରେ ସାପ କାମୁଡ଼ାରେ ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ଘଟିଛି । ଗଞ୍ଜାମ ଜିଲ୍ଲା କୋଦଳା ନିକଟସ୍ଥ ବି. ନୂଆପଲ୍ଲୀ ଗ୍ରାମରେ ସାପ କାମୁଡ଼ାରେ ୪ ବର୍ଷୀୟ ପୁଅ ଓ ମାଆର ମୃତ୍ୟୁ ଘଟିଥିଲା । ସେହିପରି ଜିଲ୍ଲାର କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ ବରିଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଏହା ବ୍ୟତୀତ ଅନୁଗୋଳ ଜିଲ୍ଲା ବେଂଟପୁର ଗ୍ରାମରେ ସାପ କାମୁଡ଼ାରେ ଦୁଇ ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଗୁରୁମ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ବିଶେଷ କରି ଗ୍ରାମାଚଂଳ ମାନଙ୍କରେ ରହିଥିବା ଡାକ୍ତରଖାନା ଗୁଡିକରେ ଡାକ୍ତରଙ୍କ ଅନୁପସ୍ଥିତି ଏବଂ ସାପ କାମୁଡ଼ା ଇଞ୍ଜେକସନ୍ ସହଜରେ ଉପଲବ୍ଧ ହେଉନଥିବା କାରଣରୁ ଅକାଳରେ ଅନେକ ଜୀବନ ହାନି ଘଟୁଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଚଂଳ ଓ ଅପହଂଚ ଇଲାକାରେ ରହିଥିବା ମେଡିକାଲ ମାନଙ୍କରେ ସାପ କାମୁଡ଼ା ଇଞ୍ଜେକସନ୍ ମହଜୁଦ ରଖିବାକୁ ସାଧାରଣରେ ଦାବି ହେଉଛି।

## ୩୦ରୁ ଆନ୍ଦୋଳନକୁ ଓହ୍ଲାଇବେ ବିଦ୍ୟୁତ୍ କର୍ମଚାରୀ

ଭୁବନେଶ୍ୱର ,୨୪।୯(ପି.ଏନ): ରାଜ୍ୟ ସରକାର ୫–ଟି ନୀତି ଉଲଂଘନ ପ୍ରତିବାଦରେ, ସର୍ଭିସ ରେଗୁଲେସନ କରିବା ପାଇଁ ନୀତି ନିୟମ ମାନି ପ୍ରକୃତ ଟ୍ରେଡ୍ ୟୁନିୟନ ସହ ଆଲୋଚନା ଏବଂ ଓଏସ୍‌ବି ନିୟମ ମାନି ଜୁନିଅର ଟେକ୍ନିସିଆନସ୍‌ମାନଙ୍କୁ ତୁରନ୍ତ ପଦୋନ୍ନତି ଦେବା ଦାବିରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ସେପ୍ଟେମ୍ବର ୩୦ ତାରିଖ ଠାରୁ ଆନ୍ଦୋଳନକୁ ଓହ୍ଲାଇବ। ଉକ୍ତ ଦିନ ଠାରୁ ଓପିଟିସିଏଲ୍ ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପ୍ରତିବାଦ ସ୍ୱରୂପ ଗଣଧାରଣା ଦିଆଯିବ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଭୋଇ ଏବଂ ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସେମାନେ କହିଛନ୍ତି ଯେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କ ପାଇଁ ଗୋଟିଏ ସର୍ଭିସ ରେଗୁଲେସନ ହୋଇପାରିଲା ନାହିଁ। ଆଇଟିଆଇ ତାଲିମପ୍ରାପ୍ତ ବିଦ୍ୟାର୍ଥୀ କୁଶଳୀ ଶ୍ରେଣୀରେ ଗଣା ଯାଉଥିବା ବେଳେ ଓଟିପିସିଏଲ୍‌ରେ ଆଇଟିଆଇ ତାଲିମପ୍ରାପ୍ତ କର୍ମଚାରୀମାନେ ଦୀର୍ଘ ସାତବର୍ଷ ହେବ ଅର୍ଦ୍ଧକୁଶଳୀ ଶ୍ରେଣୀରେ ବିନା ପଦୋନ୍ନତିରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ୫– ଟି ନୀତିକୁ ଓପିଟିସିଏଲ୍ କର୍ତୃପକ୍ଷ ବାରମ୍ବାର ଉଲଂଘନ କରୁଛନ୍ତି। ସର୍ଭିସ ରେଗୁଲେସନ କରିବା ପାଇଁ ଯେଉଁ ନୀତି ନିୟମ ମାନିବାକୁ ପଡ଼େ ସେ ସବୁକୁ ଓପିଟିସିଏଲ୍ କର୍ତ୍ତୃପକ୍ଷ ଅଣଦେଖା କରି ଏକ ଅନାମଧେୟ ପଞ୍ଜିକୃତ ନଥିବା ମଂଚ ସହ ଆଲୋଚନା କରାଯାଉଛି ।ଗ୍ରୀଡ୍‌କୋ, ଓଇଆରସି ଦ୍ୱାରା ପରିଚାଳିତ ଅନ୍ୟ ଡ଼ିସକମମାନେ ଏହି ଓଏସ୍‌ବି ନିୟମ ଅନୁସାରେ କର୍ମଚାରୀମାନଙ୍କୁ ପଦୋନ୍ନତି ଦେଉଥିବା ବେଳେ ଓପିଟିସିଏଲ୍ ଏହାକୁ ନ ମାନି ଭିନ୍ନ ଏକ ପରମ୍ପରା ସୃଷ୍ଟି କରୁଛି। ଓଏଚ୍‌ପିସି ଆଇଟିଆଇ ଟ୍ରେନିଂ ନେଇ ସାରଥିବା କର୍ମଚାରୀମାନଙ୍କୁ କୁଶଳୀ ଶ୍ରେଣୀରେ ନିଯୁକ୍ତ ଦେଉଥିବା ବେଳେ ଓପିଟିସିଏଲ୍ ସାତ ବର୍ଷ ହେବ ଆଇଆଇଟି କର୍ମଚାରୀମାନଙ୍କୁ ଅର୍ଦ୍ଧକୁଶଳୀ ଶ୍ରେଣୀରେ କାର୍ଯ୍ୟ କରିବା ପାଇଁ ବାଧ କରିଆସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।








## ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ



ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# ଓଡ଼ିଶା ବିଧାନସଭାର ନବାଗତ ୬୧ ବିଧାୟକଙ୍କ ମଧ୍ୟରୁ ୧୨ ଜଣ ଉତ୍ତରାଧିକାରୀ

୨୦୧୯ ବର୍ଷର ବହୁଚର୍ଚ୍ଚିତ ନିର୍ବାଚନ ଫଳାଫଳ ନଜରକୁ ଆସିବା ପରେ ବହୁ ପ୍ରସଙ୍ଗ ଉପରେ ତର୍ଜମା ଆରମ୍ଭ ହୋଇଛି । ତନ୍ମଧ୍ୟରେ ଉତ୍ତରାଧିକାରୀ ଅର୍ଥାତ୍ ଓଡ଼ିଶା ରାଜନୀତିରେ ବଂଶବାଦ ପ୍ରସଙ୍ଗ ଅନ୍ୟତମ ଅଟେ । ଏହି ସଦ୍ୟ ସମାପ୍ତ ନିର୍ବାଚନରେ ୧୪୬ଟି ଫଳାଫଳ ମିଳିଥିବା ବେଳେ ତନ୍ମଧ୍ୟରେ ୬୧ ଜଣ ହେଉଛନ୍ତି ନବାଗତ । ଏହିମାନେ ପ୍ରଥମଥର ପାଇଁ ବିଧାନସଭାକୁ ଆସିଛନ୍ତି । ଅନ୍ୟମାନେ ପୂର୍ବରୁ ନିର୍ବାଚିତ ହୋଇଥିଲେ । ଏମାନଙ୍କ ପୂର୍ବରୁ ଏହି ୧୨ଜଣଙ୍କର ଉତ୍ତରାଧିକାରୀ ଆଧାରରେ ନିର୍ବାଚିତ ହୋଇଛନ୍ତି । ଏମାନଙ୍କ ପୂର୍ବରୁ ଏହି ୧୨ଜଣଙ୍କର ବାପା, ଜେଜେବାପା, ମାଆ କିମ୍ବା ଭାଇ ବିଧାୟକ ହୋଇଥିଲେ । ଏହି ନବାଗତ ବିଧାୟକମାନେ ହେଲେ ସର୍ବଶ୍ରୀ ସଞ୍ଜୀବ ମଲ୍ଲିକ୍, ବିଷ୍ଣୁବ୍ରତ ରାଉତରାୟ, ପ୍ରକାଶ ମାଝୀ, ସଦାଶିବ ପ୍ରଧାନୀ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ପ୍ରଶାନ୍ତ ବେହେରା, ସମ୍ବିତ ରାଉତରାୟ, ରଘୁନନ୍ଦନ ଦାସ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲତିକା ପ୍ରଧାନ ଓ ମଞ୍ଜୁଳା ସ୍ୱାଇଁ । ଏହି ନବାଗତ ୧୨ଜଣ ଉତ୍ତରାଧିକାରୀଙ୍କ ସମେତ ନବଗଠିତ ବିଧାନସଭାରେ ଉତ୍ତରାଧିକାରୀ ବିଧାୟକମାନଙ୍କ ସଂଖ୍ୟା ୫୫ ହୋଇଛି ।

ସଂଗୃହିତ ତଥ୍ୟ ଅନୁସାରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ପ୍ରାର୍ଥୀଭାବେ ପ୍ରଥମ ଥର ପାଇଁ ବିଜୟୀ ହୋଇଛନ୍ତି ବାବୁ ସଞ୍ଜୀବ କୁମାର ମଲ୍ଲିକ । ତାଙ୍କ ପିତା ସ୍ୱର୍ଗତଃ ହୃଦାନନ୍ଦ ମଲ୍ଲିକ ଏବଂ ବଡ଼ଭାଇ ମାନସ ମଲ୍ଲିକ ଓଡ଼ିଶା ବିଧାନସଭାର ବିଧାୟକ ଥିଲେ । ଏହାଛଡ଼ା ତାଙ୍କର ଅଜା ଏବଂ ଆଈ ମଧ (ସ୍ୱର୍ଗତଃ ମୁରଲୀଧର ଜେନା ଏବଂ ସ୍ୱର୍ଗତାଃ ସତ୍ୟଭାମା ଦେବୀ) ବିଧାୟକ ଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ବିଷ୍ଣୁପଦ ରାଉତରାୟ । ବିଷ୍ଣୁ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନୀଳମଣି ରାଉତରାୟଙ୍କ ନାତି ଏବଂ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁତ୍ର । ତାଙ୍କର ତିନି ପୀଢି ବିଧାନସଭା ଆସିଲେଣି । ଝରିଗାଁ ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ପ୍ରକାଶ ମାଝୀ । ତାଙ୍କର ପିତା ସ୍ୱର୍ଗତଃ ଯାଦବ ମାଝୀ ଜଣେ ମନ୍ତ୍ରୀ ଥିଲାବେଳେ ତାଙ୍କର ବଡ଼ଭାଇ ରମେଶ ମାଝୀ ମଧ ମନ୍ତ୍ରୀ ଥିଲେ । ରମେଶବାବୁ ଏଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ନବରଙ୍ଗପୁର ଆସନରୁ ବିଜୟୀ ହୋଇଛନ୍ତି ବିଜେଡ଼ି ପ୍ରାର୍ଥୀ ସଦାଶିବ ପ୍ରଧାନୀ । ତାଙ୍କର ବଡ଼ବାପା ଖଗପତି ପ୍ରଧାନୀ କ୍ରମାଗତ ଆଠଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ବାଙ୍କିରୁ ବିଜେଡ଼ି ପ୍ରାର୍ଥୀ ଭାବରେ ବିଜୟୀ ହୋଇଛନ୍ତି ଦେବୀରଞ୍ଜନ ତ୍ରିପାଠୀ । ସେ ହେଉଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ । ସେହିପରି ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀଭାବେ ନିର୍ବାଚିତ ହୋଇଛନ୍ତି ସୌଭିକ ବିଶ୍ୱାଳ । ସୌଭିକଙ୍କ ପିତା ହେଉଛନ୍ତି ପ୍ରଭାତରଞ୍ଜନ ବିଶ୍ୱାଳ । ପ୍ରଭାତବାବୁ ନିକଟରେ ଭଙ୍ଗ ବିଧାନସଭାର ଜଣେ ସଦସ୍ୟ ଥିଲେ । ସାଲେପୁର ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ପ୍ରଶାନ୍ତ ବେହେରା । ପ୍ରଶାନ୍ତଙ୍କ ପିତା ଧର୍ମାନନ୍ଦ ବେହେରା ଚୌଦ୍ୱାରର ପୂର୍ବତନ ବିଧାୟକ ଅଟନ୍ତି । ପାରାଦ୍ୱୀପରୁ ବିଜେଡ଼ି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ଶ୍ରୀମାନ ସମ୍ବିତ ରାଉତରାୟ । ସେ ହେଉଛନ୍ତି ରାଜ୍ୟର ବରିଷ୍ଠ ରାଜନେତା ଡଃ ଦାମୋଦର ରାଉତଙ୍କ ପୁତ୍ର । ଡଃ ରାଉତ ନିକଟରେ ଭଙ୍ଗ ହୋଇଥିବା ବିଧାନସଭାର ସଦସ୍ୟ ଥିଲେ । ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ରଘୁନନ୍ଦନ ଦାସ । ରଘୁବାବୁ ପୂର୍ବତନ ମନ୍ତ୍ରୀ ବିପିନବିହାରୀ ଦାସଙ୍କ ପୁଅ । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର । ସେ ହେଉଛନ୍ତି ପୂର୍ବତନ ବିଧାୟକ ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓରଫ ଲୁଲୁ ମହାପାତ୍ରଙ୍କ ସାନଭାଇ । ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇଛନ୍ତି ବିଜେଡ଼ି ପ୍ରାର୍ଥିନୀ ଲତିକା ପ୍ରଧାନ । ସେ ହେଉଛନ୍ତି ପୂର୍ବତନ ବିଧାୟକ ଓ ସାଂସଦ ନିତ୍ୟାନନ୍ଦ ପ୍ରଧାନଙ୍କ ସୁପୁତ୍ରୀ । ଆସ୍କା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ । ତାଙ୍କ ସ୍ୱାମୀ ଲଡୁକିଶୋର ସ୍ୱାଇଁ ବିଧାୟକ ଓ ସାଂସଦ ଥିଲେ । ଲଡୁକିଶୋର ମରିଯିବା ପରେ ମଞ୍ଜୁଳାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ବିଜେଡ଼ି ପ୍ରାର୍ଥୀ କରାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ନବଗଠିତ ବିଧାନସଭାକୁ ଯେଉଁମାନେ ପ୍ରଥମକରି ନିର୍ବାଚିତ ହୋଇଛନ୍ତି ସେମାନେ ହେଲେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ରେଙ୍ଗାଲୀ ବିଧାୟକ ନାଉରୀ ନାୟକ, ତେଲକୋଇ ବିଧୟକ ପ୍ରେମାନନ୍ଦ ନାୟକ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତ, ଯଶୀପୁର ବିଧାୟକ ଗଣେଶରାମ ସିଂହ ଖୁଣ୍ଟିଆ, ସାରସକଣା ବିଧାୟକ ଡା. ବୁଡ଼ାନ ମୁର୍ମୁ, ରାଇରଙ୍ଗପୁର ବିଧାୟିକା ବାସନ୍ତୀ ମାରାଣ୍ଡି, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ୍, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଧର୍ମଗଡ଼ ବିଧାୟକ ମହୌଷଧୀ ବାଗ, ବାଲିଗୁଡ଼ା ବିଧାୟକ ଚନ୍ଦ୍ରମଣି କଅଁର, ଫୁଲବାଣୀ ବିଧାୟକ ଅଙ୍ଗଦ କଅଁର, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ ବିଧାୟକ ମହମ୍ମଦ ମୋକିମ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, କବିସୂର୍ଯ୍ୟ ନଗର ବିଧାୟକ ଲତିକା ପ୍ରଧାନ, ଖଲିକୋଟ ବିଧାୟକ ସୂର୍ଯ୍ୟମଣି ବୈଦ୍ୟ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଆସ୍କା ବିଧାୟକ ମଞ୍ଜୁଳା ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଗୁଣୁପୁରୁ ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ପଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ।

ସେହିପରି ଭାବେ ସଂଗୃହୀତ ତଥ୍ୟ ଅନୁସାରେ ଲୋକସଭାକୁ ନିର୍ବାଚିତ ୨୧ ଜଣ ନୂତନ ସାଂସଦଙ୍କ ମଧ୍ୟରୁ ମାତ୍ର ୫ଜଣ ପୁରୁଖା ଥିବାବେଳେ ନବାଗତା ହେଉଛନ୍ତି ୧୬ ଜଣ । ଏହି ୧୬ଜଣଙ୍କ ମଧ୍ୟରୁ ଉତ୍ତରାଧିକାରୀ ସୂତ୍ରରେ ୫ ଜଣ ଆସିଛନ୍ତି । ସେମାନେ ହେଲେ ନିତିଶ ଗଙ୍ଗଦେବ, ଚନ୍ଦ୍ରାଣୀ ମୁର୍ମୁ, ମଞ୍ଜୁଲତା ମଣ୍ଡଳ, ରମେଶ ଚନ୍ଦ୍ର ମାଝୀ, ସପ୍ତଗିରି ଶଙ୍କର ଉଲାକା । ଶ୍ରୀ ନିତିଶ ଗଙ୍ଗଦେବଙ୍କର ପିତା ବିଧାୟକ ଥିବାବେଳେ ତାଙ୍କର ଜେଜେବାପା ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଥିଲେ । ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ହେଉଛନ୍ତି ପୂର୍ବତନ ସାଂସଦ ହରିହର ସୋରେନଙ୍କ ନାତୁଣୀ । ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ହେଉଛନ୍ତି ଗତ ବିଧାନସଭାର ସଦସ୍ୟ ମୁକ୍ତିକାନ୍ତ ମଣ୍ଡଳଙ୍କ ପତ୍ନୀ । ରମେଶ ଚନ୍ଦ୍ର ମାଝୀ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ଯାଦବ ମାଝୀଙ୍କ ପୁଅ । ସପ୍ତଗିରି ଶଙ୍କର ଉଲାକା ହେଉଛନ୍ତି ପୂର୍ବତନ ସାଂସଦ ତଥା ରାଜ୍ୟ ବିଧାନସଭାକୁ ଆଠଥର ନିର୍ବାଚିତ ହୋଇଥିବା ରାମଚନ୍ଦ୍ର ଉଲାକାଙ୍କ ପୁଅ ।

**ବୈଷ୍ଣବ ଜେନା,**
**ସାମ୍ବାଦିକ, ମୋ: ୯୪୩୭୦୦୭୨୦୦**

# ଅନୁସୂଚିତଙ୍କ ସ୍ୱାର୍ଥରକ୍ଷା



ଭୁବନେଶ୍ୱର (ପିଏନ୍): ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ (ଏସ୍ି ଏସଟି) ଆକ୍ଟର ସଂଶୋଧନ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ଐତିହାସିକ ଓ ବହୁଚର୍ଚ୍ଚିତ ରାୟକୁ ବିରୋଧ କରି ନିକଟରେ ଭାରତର ବିଭିନ୍ନ ସ୍ଥାନରେ ଦଳିତ ସଂଗଠନ ପକ୍ଷରୁ ବନ୍ଦ ବିକ୍ଷୋଭ ଡାକରା ଦିଆଯାଇଥିଲା । ରାଷ୍ଟ୍ର ପରିଚାଳନା ପାଇଁ ସମ୍ବିଧାନର ପ୍ରଣେତା ବା ସ୍ରଷ୍ଟାମାନେ ବିଭିନ୍ନ ଦିଗର ଅନୁଧାନ ପୂର୍ବକ ସାମାଜିକ ବର୍ଗସମୂହର ଉନ୍ନତି ନିମିତ୍ତ କିଛି ନିୟମର ବ୍ୟବସ୍ଥା ରଖିଥିଲେ । ସ୍ୱାଧୀନତାପ୍ରାପ୍ତି ସହ ସମ୍ବିଧାନର କାର୍ଯ୍ୟକାରିତା ପରଠାରୁ ସାମାଜିକ ବର୍ଗ ସମୂହକୁ ଅନ୍ୟ ଆଗଧାଡ଼ିର ସମକକ୍ଷ କରିବା ସକାଶେ ପ୍ରଚଳିତ ବ୍ୟବସ୍ଥାରେ ସଂଶୋଧନ ଅଣାଯିବା ପାଇଁ ବ୍ୟବସ୍ଥା ହେଉଛି । ଅନୁସୂଚିତ ଜାତି ଓ ଉପଜାତି ବର୍ଗ ପାଇଁ ବିଭିନ୍ନ ଆରକ୍ଷଣ ବ୍ୟବସ୍ଥା କରାଯିବା ସମୟରେ କର୍ତ୍ତୃପକ୍ଷ ଯେଉଁ ନିର୍ଦ୍ଦିଷ୍ଟ ଅବଧି ରଖିଥିଲେ ତାହା ଆବଶ୍ୟକତାକୁ ଲକ୍ଷ୍ୟରେ ରଖାଯାଇ ବୃଦ୍ଧି କରାଯାଉଛି । ଏହା ନିରାଟ ସତ୍ୟ ଯେ ନିଯୁକ୍ତି ଓ ପଦୋନ୍ନତିବେଳେ ଅନୁସୂଚିତ ଜାତି ଓ ଉପଜାତିର କର୍ମଚାରୀଙ୍କୁ ଯେଉଁ ପ୍ରକାର ସୁବିଧା ଦିଆଯାଉଛି ତାହା ଅନ୍ୟ ବର୍ଗର ଲୋକମାନେ ହୁଏତ ସବୁ ସମୟରେ ସହଜରେ ଗ୍ରହଣ କରିବାନେଇ ଜଟିଳତା ଦେଖାଦେଇଥାଇପାରେ । ମାତ୍ର ସମ୍ବିଧାନ ବ୍ୟବସ୍ଥା ଆଧାରରେ ସେଥିପାଇଁ ଯାହା କରାଯାଉଛି ଏ ନେଇ ଆପତ୍ତି ଅଭିଯୋଗର ସୁଯୋଗ ଅତ୍ୟନ୍ତ ସୀମିତ । ତେବେ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ଦେଇ ଚର୍ଚ୍ଚାର ଶିରୋନାମାରେ ରହିଛନ୍ତି । ତାଙ୍କ ରୁଲିଂ ଅନୁଯାୟୀ ପ୍ରଚଳିତ ଏସି/ଏସଟି ଆକ୍ଟ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରବକ୍ତ ରୁଲିଂ ସୂଚିତ କରୁଛି ଯେ ସମ୍ପୃକ୍ତ ବର୍ଗର ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତି କରି କୌଣସି ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିହେବନାହିଁ । ସିଡୁଲ୍ କାଷ୍ଟ ଏଣ୍ଡ ସିଡ୍ୟୁଲ ଟ୍ରାଇବସ୍ (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟିଜ୍) ଆକ୍ଟ ୧୯୮୯ରେ ଯେଉଁ ପ୍ରାବଧାନ ଥିଲା ସେଥିରେ ସୁପ୍ରିମକୋର୍ଟଙ୍କ ରୁଲିଂ ଏହି ସଂଶୋଧନ ପାଇଁ ଉଦ୍ଦିଷ୍ଟ । ଏଠାରେ ସୂଚାଇ ଦିଆଯାଇପାରେକି ଅନୁସୂଚିତ ଜାତି ବା ଜନଜାତି ବର୍ଗର ଲୋକଙ୍କ ବିରୁଦ୍ଧରେ ହେଉଥିବା ନିର୍ଯ୍ୟାତନାକୁ ରୋକିବା ପାଇଁ ୧୯୮୯ ସେପ୍ଟେମ୍ବର ୯ ତାରିଖରେ ସେ ସମୟର କଂଗ୍ରେସ ସରକାର ଯାହାର ନେତୃତ୍ୱ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନେଉଥିଲେ ସେ ଏସି/ଏସଟି ନିର୍ଯ୍ୟାତନା ଆଇନ ପ୍ରଣୟନ କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦଳିତ ବା ଅନୁସୂଚିତ ଜାତି ଜନଜାତି ବର୍ଗର ସମସ୍ତଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସମାଜରେ ରହିଥିବା ଛୁଆଁ ଅଛୁଆଁ ଭେଦଭାବକୁ ଦୂରେଇ ଦେବା । ଏହି ଆଇନର କଡ଼ାକଡ଼ି ଆଇନଗତ ବ୍ୟବସ୍ଥାରେ ଉଲ୍ଲେଖ ଥିଲାଯେ କୌଣସି ଦଳିତ ବର୍ଗର ବ୍ୟକ୍ତି ପୁଲିସ ପାଖରେ ନିଜର ଯେକୌଣସି ଅଭିଯୋଗ ଆଣିଲେ ତାହାକୁ ତଦନ୍ତ ବା ଯାଞ୍ଚ ନକରି ମଧ ଅଭିଯୋଗକୁ ତତ୍କାଳ ଗିରଫ କରାଯିବ । କେବଳ ସେତିକିନୁହେଁ ଏହି ବର୍ଗର ବ୍ୟକ୍ତିଙ୍କୁ ନେଇ କେହି ଜାତିଆଣ ଭେଦଭାବ ବା ଜାତି ସୂଚକ ଆକ୍ଷେପ ପ୍ରତ୍ୟାକ୍ଷେପ କଲେ ସେମାନେ ସାଙ୍ଗେ ସାଙ୍ଗେ ଗିରଫ ହେବେ ତେବେ ପରବର୍ତ୍ତୀ ସମୟରେ ଅର୍ଥାତ ୨୦୧୫ରେ କେନ୍ଦ୍ରର ଏନଡିଏ ସରକାର ଏହି ଆଇନକୁ ଅଧିକ ଗୁରୁତ୍ୱ ଓ ଶକ୍ତିଶାଳୀ କରିବାକୁ ଯାଇ ଏଥିରେ ଆଣିଥିବା ସଂଶୋଧନ ୨୦୧୬ ଜାନୁଆରୀ ୨୬ରେ ଲାଗୁ ହୋଇଥିଲା । ଏହି ଆଇନଟି ଅତ୍ୟନ୍ତ କଡ଼ା ସର୍ତ୍ତମୂଳକ ବ୍ୟବସ୍ଥା ରଖିଥିଲା । ଏହି ବର୍ଗର କୌଣସି ମହିଳାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ସ୍ପର୍ଶ କଲେ ତାହା ଯୌନ ଉତ୍ପୀଡ଼ନ ପ୍ରସଙ୍ଗ ଭାବେ ବିଚାର କରାଯିବ । କେବଳ ସେତିକିନୁହେଁ ସାମାଜିକ ସ୍ତରରେ ବାଛନ୍ଦ କରିବାକୁ ଚେଷ୍ଟା କଲେ ମଧ ଏହି ଆଇନର ବ୍ୟବସ୍ଥାରେ ସେମାନଙ୍କୁ ଗୁରୁତର ଦଣ୍ଡବିଧାନର ବ୍ୟବସ୍ଥା ରହିଥିଲା କିନ୍ତୁ ଅନେକ ସମୟରେ ଏହି ଆଇନର ଦୂରୁପଯୋଗ ନେଇ ଅନେକ ସମୟରେ ଗଣମାଧମରେ ଖବର ପ୍ରକାଶ ପାଉଛି । ଏହି ଘଟଣା ବିଶେଷ ଆଲୋଡ଼ନ କରିଥିଲା ସେହି ସମୟରେ ଯେତେବେଳେ ୨୦୦୯ରେ ମହାରାଷ୍ଟ୍ରର ଏକ ସରକାରୀ କଲେଜରେ ଜଣେ ଦଳିତ କର୍ମଚାରୀ ତାଙ୍କ ଉପରିସ୍ଥ ହାକିମଙ୍କ ବିରୁଦ୍ଧରେ ଆଣିଥିବା ମାମଲାର ବିଚାର ହୋଇ ବମ୍ବେ ହାଇକୋର୍ଟ ତତ୍କାଳ ଗିରଫ ଉପରେ ରୋକ ଲଗାଇଥିଲେ ଓ ଅଭିଯୁକ୍ତକୁ ଆଗୁଆ ଜାମିନ୍ ପ୍ରଦାନ କରିଥିଲେ । ତେବେ ମାର୍ଚ୍ଚ ୨୦ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟ ଏହି ମାମଲାର ଅନୁଧାନ ପୂର୍ବକ ବିଚାର କରି ଏହି ଆଇନର ଦୂରୁପଯୋଗ ହେଉଥିବା ଉପଲବ୍ଧି କରିଥିଲେ । ଏବଂ ମାମଲାର ଶୁଣାଣିକରି ତତ୍କାଳ ଗିରଫ ଉପରେ ରୋକ ଲଗାଇଥିଲେ । ଏହାସହ ଏକ ସପ୍ତାହ ଭିତରେ ଏହି ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତର ଜଣେ ଡିଏସ୍‌ପି ପାହ୍ୟାର ବରିଷ୍ଠ ପୋଲିସି ଅଧିକାରୀ କରିବେ ବୋଲି ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତଙ୍କ ଆଗୁଆ ଜାମିନ୍‌କୁ ମଧ ମଞ୍ଜୁର କରାଯିବା ବୋଲି ସୂଚିତ କରିଥିଲେ । ସର୍ବଶେଷ ତଥ୍ୟ ଅନୁଯାୟୀ ମାନ୍ୟବର ସୁପ୍ରିମକୋର୍ଟ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନର ପୂର୍ବ ସ୍ଥିତିକୁ କାଏମ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ଆବେଦନକୁ ଗ୍ରହଣ କରିବା ସହ କିନ୍ତୁ ଏହାର ତୁରନ୍ତ ଶୁଣାଣି ପାଇଁ ମନା କରିଦେଇଛନ୍ତି । ଭାରତ ବର୍ଷର ରାଜନୈତିକ ବ୍ୟବସ୍ଥା ଯାହା ଏପରି କ୍ଷେତ୍ରରେ ନିଜ ଭୋଟ ବ୍ୟାଙ୍କକୁ ସମସ୍ତେ ସ୍ୱାର୍ଥ ଗୋଟି ଭାବେ ଖେଳିଥାନ୍ତି । ଦଳିତବର୍ଗଙ୍କ ପକ୍ଷରୁ ବ୍ୟାପକ ବିକ୍ଷୋଭ ଓ ହିଂସାକାଣ୍ଡ ପରେ କେନ୍ଦ୍ର ସରକାର ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟର ପୁରୁଣା ବିଚାର କରି ଏହି ଆଇନର ପୂର୍ବସ୍ଥିତି କାୟମ ରଖିବାକୁ ସୁପ୍ରିମକୋର୍ଟଙ୍କ ପାଖରେ ଆବେଦନ କରିଛନ୍ତି । କଂଗ୍ରେସ ଦଳ, ଡିଏସ୍‌ପି, ସମାଜବାଦୀ ପାର୍ଟି ଏହାକୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରେ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବାର ଖବର ପ୍ରକାଶ ପାଉଛି । ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଗାମୀ ରୁଲିଂ କେଉଁ ଦିଗକୁ ସ୍ପଷ୍ଟ ନିର୍ଦ୍ଦେଶ କରିବ ତାହା ସେ ସମୟକୁ ଅପେକ୍ଷା ।

**(ସୌଜନ୍ୟ: ଯୁଧିଷ୍ଠିର ମହରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮)**

# ସରକାରଙ୍କ ସବୁଜ ମହାନଦୀ ମିଶନ



ଭୁବନେଶ୍ୱର (ପିଏନ୍): ଭୌଗୋଳିକ ଦୃଷ୍ଟିକୋଣରୁ ଦେଖାଗଲେ ଓଡ଼ିଶା ପରି ପ୍ରକୃତି ପ୍ରଦତ୍ତ ଅନେକ ସ୍ଥାନ, ପର୍ଯ୍ୟଟନସ୍ଥଳୀ, ଖଣିଜ ସମ୍ପଦରେ ଭରପୁର ରହିଛି । ଓଡ଼ିଶା ସରକାର ସବୁଜ ପରିବେଶ ଓ ପ୍ରକୃତିର ସୁରକ୍ଷାର ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ତେବେ ମାନନୀୟ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କରି ସବୁଜ ମହାନଦୀ ମିଶନର ଶୁଭାରମ୍ଭ ଦେଇଛନ୍ତି । କୋଟିଏ କିମ୍ବା ଦଶକୋଟି ନୁହେଁ ସର୍ବମୋଟ ପାଞ୍ଚ ହଜାର କୋଟି ଟଙ୍କାରେ ଗଛ ଲାଗିବା ପାଇଁ ବ୍ୟବସ୍ଥା ହେଉଛି । ପାଞ୍ଚକୋଟିରୁ ଉର୍ଦ୍ଧ୍ୱ ଚାରା ଲଗାଯିବ । ସରକାର ସବୁଜ ବଳୟ ସୃଷ୍ଟି ପାଇଁ ଏହି ଦୀର୍ଘମିଆଦି ପାଞ୍ଚବର୍ଷିଆ ଯୋଜନା ହାତକୁ ନେଇଛନ୍ତି ।

ଓଡ଼ିଶାରେ ପ୍ରବାହିତ ହେଉଥିବା ବଡ଼ ହେଉ ବା ଛୋଟ ନଦୀର ଦୁଇ ପାର୍ଶ୍ୱରେ ଗଛ ଲାଗିବ । ତଥ୍ୟାନୁଯାୟୀ ୪୧ ହଜାର ହେକ୍ଟର ନଦୀ ପାର୍ଶ୍ୱ ଓ ୫ହଜାର କିଲୋମିଟର ପଥପାର୍ଶ୍ୱ ସବୁଜ ବଳୟ ହେବାକୁ ଯାଉଛି । ଓଡ଼ିଶା ଜୈବବିବିଧତା କ୍ଷେତ୍ର ହେଉ ବା କଳା-ସ୍ଥାପତ୍ୟ-ସୌନ୍ଦର୍ଯ୍ୟ, ସବୁଜ ବନାନୀର ସବୁ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ରଖିଛି ।

ଭିତର କନିକା ହେଉ ବା ସାତକୋଶିଆ ଗଣ୍ଡ ସବୁ ସ୍ଥାନରେ ପ୍ରକୃତି ପ୍ରଦତ୍ତ ସବୁଜମୟ ପରିବେଶ ଭରପୁର ରହିଛି । ଓଡ଼ିଶାର ସବୁଜ ପରିବେଶ ପରିଷ୍କାର ପରିଚ୍ଛନ୍ନତା ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମଗ୍ର ବିଶ୍ୱ ଆଗରେ ଏହି ରାଜ୍ୟ ନିଜ ସ୍ୱତନ୍ତ୍ରତା ରଖିବାରେ ସକ୍ଷମ ହୋଇଛି ।

ବୃକ୍ଷରୋପଣ ଭିତରେ ସବୁଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୋଟି କୋଟି ଓଡ଼ିଆଙ୍କ ହୃଦୟରେ ବସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ଜଣେ ପ୍ରକୃତି ପରିବେଶପ୍ରେମୀ । ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇ ସବୁଜ ଜୈବମଣ୍ଡଳ ସୃଷ୍ଟି ପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସମଗ୍ର ଭାରତବର୍ଷରେ ଏହି ସବୁଜ ମହାନଦୀ ମିଶନ ଅନ୍ୟମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ନିଶ୍ଚୟ ।

ସରକାରୀ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବପ୍ରଥମେ ସୋନପୁର, ବୁଢ଼ାରାଜା, ମହାନଦୀ ବ୍ରିଜ ନିକଟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଓଡ଼ିଶାର ଜୀବନରେଖା କୁହାଯାଉଥିବା ସର୍ବ ବୃହତ୍ତ ନଦୀ ମହାନଦୀର ଜଳ ପ୍ରବାହକୁ ଅବ୍ୟାହତ ରଖିବା ପାଇଁ ଏହା ହେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପରିକଳ୍ପନା ।

ସବୁଜ ମହାନଦୀ ମିଶନରେ ଏହି ବର୍ଷ କେବଳ ମହାନଦୀ ନୁହେଁ ଏହାର ଉପନଦୀ ତେଲ ଏବଂ ଇବ ଉପକୂଳରେ ଗଛ ଲାଗିବ । ପରେ ପର୍ଯ୍ୟାୟକ୍ରମେ ସବୁ ନଦୀ ଓ ଉପନଦୀର ଉଭୟ ପାର୍ଶ୍ୱରେ ଗଛ ଲଗାଯିବ । ସବୁଜ ମହାନଦୀ ଅଭିଯାନରେ ଗଛ ଲାଗିବା ସାଙ୍ଗକୁ ସଚେତନତା ସୃଷ୍ଟି ପାଇଁ ସବୁଜ ମହାନଦୀ ରଥ ମଧ ବୁଲିବ । ବର୍ଷରେ ପାଞ୍ଚ ହଜାର କୋଟି ଟଙ୍କା ବ୍ୟୟରେ ବୃକ୍ଷରୋପଣ ପରି ବୃହତ୍ କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ହାତକୁ ନିଆଯାଇଛି ।

ଦିନକୁ ଦିନ କଂକ୍ରିଟ୍ ବଳୟ ଗଢ଼ି ଉଠି ଚାଲୁଥିବାବେଳେ ଅନେକ ସ୍ଥାନରେ ବହୁଳ ଭାବେ ଗଛ କଟା ଯାଉଛି । ଏହାର ଜୈବ ବିବିଧତା ଉପରେ ପ୍ରଭାବ ପକାଇ ବିଭିନ୍ନ ପ୍ରଦୂଷଣର କାରଣ ପାଲଟୁଛି । ବିଭିନ୍ନ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେବା ସହ ଅନେକ ସଚେତନତାର ବାର୍ତ୍ତା ପହଞ୍ଚିବାକୁ ସମର୍ଥ ହେଉଛି ।

ସଂପ୍ରତି ପ୍ରତିଟି ଶ୍ୱାସପ୍ରଶ୍ୱାସ ଆମର ବିଭିନ୍ନ ପାରିପାର୍ଶ୍ୱିକ ପ୍ରଦୂଷଣକୁ ସାମ୍ନା କରୁଛି । ଦିନକୁ ଦିନ ଯେଉଁପରି ଭାବରେ ଶିଳ୍ପାୟନର ବ୍ୟାପକତା ବଢୁଛି ଏହା ସମସ୍ତଙ୍କ ପାଇଁ ମଙ୍ଗଳକାରକ ହୋଇଥିଲେ ବି ସେହି ତୁଳନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଉନାହିଁ ।

ସବୁଜ ବନାନୀ ସୃଷ୍ଟି କରିବାରେ ଦାୟିତ୍ୱ କେବଳ ସରକାର ବା ପ୍ରଶାସନର ନୁହେଁ । ଏସବୁ ଦାୟିତ୍ୱ ଆମ୍ଭମାନଙ୍କର । ଆସନ୍ତୁ ଭାଇଚାରା ଭିତରେ ହାତକୁ ହାତ ମିଳାଇ ସବୁଜିମାକୁ ପରିବ୍ୟାପ୍ତ କରିବା ପାଇଁ ନୂଆ ଦିଗନ୍ତ ସୃଷ୍ଟି କରିବା ।

**(ସୌଜନ୍ୟ: ଅଲେଖ ଚନ୍ଦ୍ର ସାମଲ, ଓଏଫ୍‌ଏସ୍-୧, ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା, ଦୂରଭାଷ: ୯୪୩୭୨୫୭୧୨୩)**

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



ସଂଗଠକ, ସମାଜ ସୁଧାରକ, ଦକ୍ଷ ରାଜନୀତିଜ୍ଞ ତଥା ମାନବବାଦୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ । ଏଥିସହ ସେ ଭାରତୀୟ ଜନସଂଘର ଅଧ୍ୟକ୍ଷ ମଧ ଥିଲେ । ସନାତନ ବିଚାରଧାରାକୁ ଯୁଗାନୁକୂଳ ଭାବେ ପ୍ରସ୍ତୁତ କରି ସେ ଦେଶକୁ ଏକାତ୍ମ ମାନବବାଦର ଶିକ୍ଷା ଦେଇଥିଲେ । ୧୯୧୬ ସେପ୍ଟେମ୍ବର ୨୫ ଆଜିର ଦିନରେ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲା ଚନ୍ଦ୍ରଭାନ ଠାରେ ତାଙ୍କ ଜନ୍ମ । ଆଠବର୍ଷ ବୟସରେ ତାଙ୍କ ପିତାମାତାଙ୍କ ଦେହାନ୍ତ ହୋଇଥିଲା । ମାମୁଁ - ମାଇଁଙ୍କ ତତ୍ତ୍ୱାବଧାନରେ ଦୀନଦୟାଲ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ । କଲେଜ ପଢ଼ୁଥିବା ବେଳେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଂସ୍ପର୍ଶରେ ଆସିଥିଲେ । ସଂଗଠନର ପ୍ରତିଷ୍ଠାତା କେ.ବି ହେଡ଼ଗେୱାରଙ୍କ ପରାମର୍ଶକ୍ରମେ ଦୀନଦୟାଲ ଆର୍‌ଏସ୍‌ଏସ୍‌ରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସେ ସଂଘର ପ୍ରଚାରକ ଭାବେ କାର୍ଯ୍ୟ କରିଥିଲେ । ସଂଘ ପ୍ରତି ତାଙ୍କ ନିଷ୍ଠା ଓ ଭଲପାଇବା ଦେଖି ତାଙ୍କୁ ଆଜୀବନ ସଦସ୍ୟ ମାନ୍ୟତା ମିଳିଥିଲା । ହିନ୍ଦୁତ୍ୱକୁ ସେ ସବୁବେଳେ ପ୍ରାଥମିକତା ଦେଉଥିଲେ । ହିନ୍ଦୁଧର୍ମ ରକ୍ଷା କ୍ଷେତ୍ରରେ ସେ ଜନସଚେତନତା କାର୍ଯ୍ୟକ୍ରମ କରୁଥିଲେ । ୧୯୬୭ରେ ଜନସଂଘର ଅଧ୍ୟକ୍ଷ ଭାବେ ଦୀନଦୟାଲ ନିର୍ବାଚିତ ହୋଇଥିଲେ । ୧୯୬୮ ଫେବୃଆରୀ ୧୧ରେ ରେଳ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିଲା । ଦୀନଦୟାଲ ଉପାଧ୍ୟାୟଙ୍କ ନାଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଚାଲୁ ରହିଛି । ଆଜିର ଅଖଣ୍ଡ ଭାରତ ପ୍ରସଙ୍ଗ ହେଉ ବା କାଶ୍ମୀରରୁ ୩୭୦ଧାରା ଉଚ୍ଛେଦ, ଭାରତର ଜାତୀୟତା, ସ୍ୱାଭିମାନ ଓ ସର୍ବୋପରି ଦେଶପ୍ରେମର ବହ୍ନି ଜାଳିଥିବା ଏହି କ୍ରାନ୍ତିକାରୀ ମହାପୁରୁଷଙ୍କର ଆଜିର ପବିତ୍ର ପୂଣ୍ୟତିଥିରେ ସମଗ୍ର ଭାରତ ବାସୀଙ୍କ ସହ ମୁଁ ଭକ୍ତି ନୈବେଦ୍ୟ ଅର୍ପଣ କରୁଛି ।

**ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର, ଦୂରଭାଷ: ୯୪୩୯୪୮୨୫୨୬**

# ସ୍ନେହ, ଶାନ୍ତି ଓ ସଦ୍‌ଭାବନାର ମୈତ୍ରୀ ସଂଦେଶ ବାଂଟିଲେ



ଭୁବନେଶ୍ୱର (ପିଏନ୍): ୟୁନିଟ ୪ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ୧୫ଜଣିଆ ଏକ ଦଳ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗସ୍ତ କରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତରେ ଗୁରୁଦେବଙ୍କ ସହ ବିଶ୍ୱଶାନ୍ତି, ଭ୍ରାତୃଭାବ, ସମନ୍ୱୟବାଦ, ଧର୍ମଗୁରୁମାନଙ୍କ ସମ୍ମାନ ଓ ସତ୍କାର ବଜାୟ ରହିବା ତଥା ଦେଶ ବିଦେଶରେ ଶାନ୍ତି, ଶୃଙ୍ଖଳା ପ୍ରତିଷ୍ଠା ପାଇଁ ଏକ ମନ, ଏକ ପ୍ରାଣ ହୋଇ ଅହମଦୀୟା ମୁସଲିମ ସଂଗଠନ ବିଶ୍ୱରେ କାର୍ଯ୍ୟରତ ବୋଲି ଚର୍ଚ୍ଚା କରାଯାଇଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାଇଭାଇ । ସଭିଏଁ ମିଳିମିଶି ଦେଶରେ ଏକତା ଓ ଅଖଣ୍ଡତାକୁ କାଏମ ରଖିବା ସମସ୍ତ ନାଗରିକର ପରମ କର୍ତ୍ତବ୍ୟ ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ପ୍ରତି ଶାନ୍ତିର ସଂଦେଶକୁ ପ୍ରଚାର କରିବା ଆବଶ୍ୟକ ବୋଲି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କ କହିଥିଲେ । ଅହମଦୀୟା ମୁସଲିମ ସଂଗଠନ ଦଳ ଗୁରୁଦେବଙ୍କ ସତ୍‌ସଙ୍ଗରେ ଯୋଗଦେଇ ସ୍ନେହ, ଶାନ୍ତି ଓ ସଦ୍‌ଭାବନାର ମୈତ୍ରୀ ସଂଦେଶ ବାଂଟିବା ସହ ଗରୁଦେବଙ୍କୁ ଚାଦର ଓ ଟୋପି ପିନ୍ଧାଇ ସମ୍ମାନୀତ କରାଇଥିଲେ । ଗୁରୁଦେବ ମଧ ଅହମଦୀୟା ମୁସଲିମ ସଂଗଠନ ଭୁବନେଶ୍ୱରର ସଭାପତି ନୁରୁଦ୍ଦିନ ଅମିନଙ୍କୁ ମଧ ଚାଦର ଦେଇ ସମ୍ମାନୀତ କରାଇଥିଲେ । ଏହି ଦଳରେ ପୂର୍ବତନ ସଭାପତି ସୟଦ ଖାଲିଦ ଅହମଦ, ଉପସଭାପତି ଡ. ମୁବାରକ ଅହମଦ, ମୌଲାନା ଫଜଲ ହକ ଖାଁ, ମୌଲାନା ଜମାଲ ଶରିୟତ ଅହମଦ, ମୌଲାନା ଯାବେଦ ଅହମଦ, ମୌଲାନା ଅବ୍ଦୁଲ ହଲିମ ଖାଁ, ହାଜି ସେକ୍ ଅବ୍ଦୁଲ ହକିମ, ସୟଦ ନୟର ଅହମଦ, ଗୁଲାମ ଅହମଦ ଖାଁ, ଆସଫ ଅଲି, ମୁହମ୍ମଦ ଜଫରୁଲ୍ଲା ଖାଁ, ମୁବାରକ ଅହମଦ, ଅହମଦ ସଲାମ ପ୍ରମୁଖ ଯୋଗ ଦେଇଥିଲେ ।

# ଆର୍ଯ୍ୟ ସମାଜ ଏକ ସଂସ୍କାରବାଦୀ ଆନ୍ଦୋଳନ: ସ୍ୱାମୀ ଅଗ୍ନିବେଶ



ଭୁବନେଶ୍ୱର (ପିଏନ୍): ଭାରତବର୍ଷର ବିଶିଷ୍ଟ ଆର୍ଯ୍ୟ ସନ୍ନ୍ୟାସୀ ପୂର୍ବତନ ମନ୍ତ୍ରୀ ସ୍ୱାମୀ ଅଗ୍ନିବେଶଙ୍କ ୮୦ତମ ଜନ୍ମ ଉତ୍ସବ ନୂଆଦିଲ୍ଲୀସ୍ଥିତ ପ୍ୟାରେଲାଲ ଭବନଠାରେ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ଆର୍ଯ୍ୟବେଶଙ୍କ ପୌରୋହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ରହି ସ୍ୱାମୀ ଅଗ୍ନିବେଶ କହିଲେ ଯେ ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଭାରତବର୍ଷରେ କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଏକ ସଂସ୍କାରବାଦୀ ଆନ୍ଦୋଳନ । ତଳେ ପଡ଼ିଥିବା ମଣିଷ ପାଇଁ ଆହୁରି କାର୍ଯ୍ୟ କରିବାକୁ ହେବ ବୋଲି ସେ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତରପ୍ରଦେଶର ପୂର୍ବତନ ମନ୍ତ୍ରୀ ସ୍ୱାମୀ ଓମ୍ ବେଶ କହିଲେ ଯେ, ଦୀର୍ଘ ୫୦ ବର୍ଷ ଧରି ସ୍ୱାମୀ ଯେଉଁ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି ତାହା ନୂତନ ଯୁବପୀଢିଙ୍କ ପାଇଁ ପ୍ରେରଣାର ଉତ୍ସ । ସାରା ଭାରତବର୍ଷ ଓ ଆଫ୍ରିକା ମହାଦେଶର ବିଭିନ୍ନ ଦେଶରୁ ଶହ ଶହ ସନ୍ନ୍ୟାସୀ ଓ ହଜାର ହଜାର ସ୍ୱାମିଜୀଙ୍କ ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାମିଜୀଙ୍କୁ ଜୀବନ୍ତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ଆର୍ଯ୍ୟ ସମାଜ ଓଡ଼ିଶା ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମା'ଘର ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀମତୀ ରତ୍ନପର୍ଣ୍ଣା ମହାନ୍ତି, ଗୁରୁକୁଳ ବେଦବ୍ୟାସର ଅଧୀକ୍ଷକ ପଣ୍ଡିତ ଧନେଶ୍ୱର ବେହେରା ପ୍ରମୁଖ ସ୍ୱାମିଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।




# ରାଜ୍ୟ ସରକାରଙ୍କ ମନ୍ତ୍ରୀ ନିର୍ବାଚିତ ପ୍ରତିନିଧିଙ୍କୁ ଅବମାନନା କରିବା ଉଚିତ କି ?: ବିଜେପି




ବାଲେଶ୍ୱର (ପିଏନ): ଗତ ୧୯ ତାରିଖରେ ଷ୍ଟେଟ ସେକ୍ରେଟେରୀଏଟ , ଲୋକସଭା ଭବନରେ ପଞ୍ଚାୟତରାଜ ଓ ପାନୀୟ ଜଳ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ଦ୍ୱାରା ଆହୁତ ବାଲେଶ୍ୱର ଜିଲ୍ଲା ଉନ୍ନତି ଉପରେ ସମୀକ୍ଷା ବୈଠକକୁ ବୈମାତୃକ ମନୋଭାବ ପୋଷଣ କରି ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମଦନ ମୋହନ ଦତ୍ତ ଓ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସୁକାନ୍ତ ନାୟକ କିମ୍ବା କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଆମନ୍ତ୍ରଣ କରାନଯିବା ଅତି ଦୁଃଖ ଓ ପରିତାପର ବିଷୟ ଅଟେ । ଉକ୍ତ ବୈଠକକୁ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଜେଡି ବିଧାୟକ ଓ ସମସ୍ତ ବିଭାଗର ମୁଖ୍ୟଙ୍କୁ ଡକାଯାଇଥିବା ବାଲେଶ୍ୱର ସଦର ବିଧାୟକ, ନୀଳଗିରି ବିଧାୟକ ଓ ବାଲେଶ୍ୱର ସାଂସଦଙ୍କ ପରିବର୍ତ୍ତେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ସଦର ପୂର୍ବତନ ବିଧାୟକ, ପୂର୍ବତନ ସାଂସଦଙ୍କୁ ସମୀକ୍ଷା ବୈଠକରେ ସାମିଲ କରିବା କେଉଁ ଲୋକତାନ୍ତ୍ରୀକ ପଦ୍ଧତିର ପରିଚାୟକ ? ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ଦଳୀୟ ଭିତ୍ତିରେ ସରକାରୀ ସମୀକ୍ଷା କରିବା ବାଲେଶ୍ୱର ଜନ ସାଧାରଣଙ୍କ ପ୍ରତି ଏହା ଘୋର ଅପମାନ ଅଟେ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିବେ କି ଆପଣଙ୍କ ଶାସନରର କେଉଁ ପ୍ରକାରର ଟ୍ରାନ୍ସପେରେନ୍ସି । ବାଲେଶ୍ୱରର ଉନ୍ନତିର କଥା ବାଲେଶ୍ୱର ଲୋକ ପ୍ରତିନିଧି କହିବେ ନା ଆପଣଙ୍କ ଦଳୀୟ ପ୍ରତ୍ୟଖ୍ୟାତ ନେତା କହିବେ, ଏହାର ଉତ୍ତର ମୁଖ୍ୟମନ୍ତ୍ରୀ ଦେବେ କି ? ଯଦି ଏହାକୁ ଆପଣ ଠିକ ବୋଲି ବିବେଚନା କରନ୍ତି ତାହାଲେ ପରବର୍ତ୍ତୀ ସମୟରେ ନିର୍ବାଚିତ ବିରୋଧୀ ଦଳ ବିଧାୟକଙ୍କ ପରିବର୍ତ୍ତେ ଆପଣ ଦଳୀୟ କର୍ମୀଙ୍କୁ ନେଇ ବିଧାନସଭାରେ ବସାଇ ବିଧାନସଭା ଚଳାଇବେ କି ? ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହିସାବରେ ଏହା ଉପରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ? ବାଲେଶ୍ୱର ଜିଲ୍ଲାରେ ସମସ୍ତ ଏନ.ଏ.ସି ଓ ମ୍ୟୁନିସିପାଲଟିର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକ ଘର ତିଆରି କରି ଅର୍ଥ ପାଇ ପାରୁନାହାନ୍ତି ଏପରିକି ଘରର ଫଟୋ କେଉଁ ଷ୍ଟାଫ ଉଠାଇବେ ମ୍ୟୁନିସିପାଲଟି ଅଫିସର ଦାୟିତ୍ୱ ନ୍ୟସ୍ତ କରିପାରୁ ନାହାନ୍ତି । ଚଳିତ ଆର୍ଥୀକ ବର୍ଷର କୋଟି କୋଟି ଟଙ୍କା ପଡିତହିଥିବା ବେଳେ ରାସ୍ତା ଘାଟ ନିର୍ମାଣ ପାଇଁ ଟେଣ୍ଡର ମଧ ହୋଇ ପାରୁ ନାହିଁ । ବର୍ଷା ଋତୁ ସରିବା ଉପରେ ହେଲେ ମଧ ମହାନାଳ ସଫା ହୋଇପାରିଲା ନାହିଁ । ସ୍ୱଚ୍ଛ ଭାରତ ଯୋଜନାରେ ରାସ୍ତା ଘାଟ ନାଳ ସଫା ପାଇଁ ଟେଣ୍ଡର ବାହାରି ପାରିଲା ନାହିଁ । ନୂତନ ଏଲ.ଇ.ଡି ଲାଇଟ ଓ ଖୁଣ୍ଟ ପୋତା କାର୍ଯ୍ୟ ସରିଲା ନାହିଁ । ନଦୀ ଜଳକୁ ବିଶୋଧନ କରି ସହରାଞ୍ଚଳକୁ ପାଣି ଯୋଗାଇବାର କେନ୍ଦ୍ର ଯୋଜନାକୁ ବିଫଳ କରି ହାତ ଗଣତି ସମ୍ପ୍ କରି ପାଣି ଯୋଗାଇବାର ଯୋଜନା କରି ଭୂତଳ ଜଳସ୍ତରକୁ ହ୍ରାସ କରି ତିନି ଚାରି ବର୍ଷରେ ବାଲେଶ୍ୱର ସହରକୁ ମରୁଭୂମିରେ ପରିଣତ କରିବାର ଯେଉଁ ଅପଚେଷ୍ଟା ଚାଲିଛି ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଘୋର ନିନ୍ଦା କରୁଛି । ଅବିଳମ୍ବେ ନଦୀ ଜଳକୁ ବିଶୋଧନ କରି ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯାଉ । ଉପରୋକ୍ତ ମୁଖ୍ୟ ସମସ୍ୟା ଉପରେ କଣ ସମୀକ୍ଷା କଲେ ମାନ୍ୟବର ମନ୍ତ୍ରୀ ପ୍ରତାପ ଜେନା ଉତ୍ତର ଦେବେ କି ? ସରକାର ସମସ୍ତଙ୍କର ଏହା ନ ଭୁଲି, ଦଳୀୟ ରାଜନୀତି ନ କରି ବାଲେଶ୍ୱରର ଉନ୍ନତି ପାଇଁ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଉନ୍ନତି କଥା ଚିନ୍ତା କରିବା ଉଚିତ ନ ହେଲେ ଶାନ୍ତିପ୍ରିୟ ବାଲେଶ୍ୱର ଜନ ସାଧାରଣ ଆଗାମୀ ଦିନରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିରୋଧ କରିବାକୁ ବାଧ ହେବେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ବିଜେପି ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଜିଲ୍ଲା ପ୍ରବକ୍ତା ତଥା ଜିଲ୍ଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ, ନୀଳଗିରି ବିଧାୟକ ପ୍ରତିନିଧି ଗଙ୍ଗାଧର ଶତପଥି, ବରିଷ୍ଠ ନେତା କରୁଣାକର ପଣ୍ଡା,ସଦର ମିଡିଆ ସଂଯୋଜକ ଅରୁପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଏଲ.ଇ.ଡି ଲାଇଟ୍ ଠକେଇ ଅଭିଯୋଗରେ ଥାନାରେ ମାମଲା

ବାଲେଶ୍ୱର,(ପିଏନ): ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏସ.ଇ.ଡି ଲାଇଟ୍ ଲଗେଇବା ନେଇ ଠକେଇ ଅଭିଯୋଗ ଆସିଛି । ଏ ବାବଦରେ ସହଦେବଖୁଣ୍ଟା ଥାନାରେ କେସ୍ ନଂ ୧୦୮ରେ ଏକ ଲିଖିତ ଅଭିଯୋଗ ହୋଇଛି । ରେମୁଣା ଖରିଦମୁଖୁରା ଗ୍ରମର ବବିତା ବିଶ୍ୱାଳ, ସ୍ୱାମୀ- ପ୍ରଭାତ କମାର ବିଶ୍ୱାଳ ଏବଂ ପ୍ରଭାତର ଭାଇ ରଞ୍ଜିତ କୁମାର ବିଶ୍ୱାଳଙ୍କ ନାମରେ ଏହି ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାୟୀ ରେମୁଣା ବ୍ଲକର ୩୬ଟି ଗ୍ରାମପଞ୍ଚାୟତରେ ଏଲ.ଇ.ଡି ଲାଇଟ୍ ଲଗାଇବା ପାଇଁ ୧୬ ଲକ୍ଷ ୫୫ ହଜାର ୫ ଶହ ଟଙ୍କା ରେମୁଣା ବିଡିଓ ପ୍ରାଚି ଏଣ୍ଟରପ୍ରାଇଜେସ୍‌ର ମାଲିକ ବବିତା ବିଶ୍ୱାଳଙ୍କୁ ଦେଇଥିଲେ । ୨୫ ୱାଟର ଲାଇଟ ୪୭୩ଟି ସ୍ଥାନରେ ଲାଗିବାର ଥିଲା । ପ୍ରତି ଲାଇଟ୍ ପିଛା ୩୫ ଶହ ଟଙ୍କା ମୂଲ୍ୟ ରହିଥିଲା । ହେଲେ ବବିତା ସବୁ ସ୍ଥାନରେ ଲାଇଟ୍ ନ ଲଗାଇ ବିଲ୍ କରିଛନ୍ତି । ସେହିପରି ଅଧିକାଂଶ ସ୍ଥାନରେ ଲାଇଟ୍ ଲାଗିନାହିଁ । ଜାଲ୍ କରି ବିଲ୍ କରାଯାଇଛି ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି ।

# ଛତୁଆରେ ଅପମିଶ୍ରଣ ଓ ଅନିୟମିତତା ନେଇ ଡି.ଏସ.ଡବ୍ଲ୍ୟୁ.ଓଙ୍କୁ ଅଭିଯୋଗ

ବାଲେଶ୍ୱର,(ପିଏନ): ଛତୁଆ ବଣ୍ଟନରେ ଅନିୟମିତତା ଓ ଅପମିଶ୍ରଣ ନେଇ ଭୋଗରାଇର ସିଡିପିଓ, ଡି.ଏସ.ଡବ୍ଲ୍ୟୁ.ଓ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ବାଲିମ୍, ନହରା, ଗୁଣସାର୍ଥା, ସିଅଁରି, ବ୍ରହ୍ମଣଦା, ମହାଗ. ବାଉଁଶଡିହା ଓ କୁଳିଦା ପଞ୍ଚାୟତର ୩୦ ରୁ ଅଧିକ ହିତାଧିକାରୀ ଲିଖିତ ଅଭିଯୋଗରେ ନିବେଦନ କରିଛନ୍ତି ଯେ, ସେହି ଅଞ୍ଚଳରେ 'ମା ସ୍ୱୟଂ ସହାୟିକା ଗୋଷ୍ଠୀ' ସେମାନଙ୍କୁ ଛତୁଆ, ସୁଜି ଓ ଲଡୁ ବଣ୍ଟନ କରିଥାଏ । ହେଲେ ସୁଜି ପେକେଟ୍‌ରେ କଞ୍ଚା ଥିବା ବେଳେ ବାଦାମ୍ ଓ ବୁଟ ପୋକରା ଦେଖାଯାଉଛି । କଞ୍ଚା ଗହମରେ ଛତୁଆ ହୋଇଥିବାରୁ ପିଲାମାନେ ଏହାକୁ ଖାଉ ନାହାନ୍ତି । ଏଭଳି ଖାଦ୍ୟ ଶିଶୁମାନଙ୍କୁ ଦେବା ମଧ ଅନୁଚିତ୍ । ସେହିପରି ଏହି ଗୋଷ୍ଠୀ ଅଗଷ୍ଟ ମାସ ଛତୁଆ ବଣ୍ଟନ କରିଛି । ହେଲେ ସେପ୍ଟେମ୍ବର ମାସର ଛତୁଆ ବଣ୍ଟନ ନକରି ଅକ୍ଟୋବର ୧୯ରୁ ଛତୁଆ ବଣ୍ଟନ ଆରମ୍ଭ କରିଛି । କେତେକ ମୁଷ୍ଟିମେୟ ରାଜନୈତିକ ବ୍ୟକ୍ତି ଓ ଅଫିସରଙ୍କୁ ହାତ କରି ଏଭଳି କାର୍ଯ୍ୟ କରୁଥିବା ବେଳେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେହି ଅଞ୍ଚଳର ସନ୍ଧ୍ୟା ଗିରି, ସୁସ୍ମିତା ଜେନା, ଗଙ୍ଗାମତୀ ଭଞ୍ଜ, ସନ୍ଧ୍ୟା ପରମାଣିମକ୍, ଲକ୍ଷ୍ମିପ୍ରିୟା ନନ୍ଦୀ, ଗୀତାରାଣୀ ବେଜ୍ ଓ ବସୁମତୀ ପ୍ରଧାନ ପ୍ରମୁଖ ହିତାଧିକାରୀ ଲିଖିତ ଭାବେ ନିବେଦନ କରିଛନ୍ତି ।

# ସାର କଳାବଜାରୀ ରୋକିବାକୁ ବ୍ଲକସ୍ତରୀୟ ସ୍କ୍ୱାର୍ଡର ଚଢାଉ

ବାଲେଶ୍ୱର,(ପିଏନ): ରେମୁଣା ବ୍ଲକ କୃଷି ବିଭାଗ ତରଫରୁ ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଏବଂ କୀଟନାସକ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ଖୁଚୁରା ସାର ବିକ୍ରୟ କେନ୍ଦ୍ର ଏବଂ ପ୍ରାଥମିକ ସେବା ସମବାୟ ସମିତିଗୁଡିକୁ ତଦାରଖ ତଥା ଯାଞ୍ଚ କରିବା ପାଇଁ ଏକ ବ୍ଲକସ୍ତରୀୟ ଯାଞ୍ଚ ଟିମ୍ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଏହି ଟିମ୍‌ରେ ବ୍ଲକ ସହକାରୀ କୃଷି ଅଧିକାରୀ ଦିପ୍ତିରେଖା ମହାଳିକ ରାସାୟନିକ ସାରର ବ୍ଲକସ୍ତରୀୟ ନିରିକ୍ଷକ ରୂପେ ସମ୍ପୃକ୍ତ ଗ୍ରାମର କୃଷି କର୍ମଚାରୀ ସାର ବିକ୍ରୟ କେନ୍ଦ୍ରଗୁଡିକୁ ଯାଞ୍ଚ କରିଥିଲେ । ପତ୍ରିପଲ, ବଡପାଳ, ରେମୁଣା, ଦୁର୍ଗାଦେବୀ, ନୂଆପାଢୀ, ବରୁଣସିଂ, ସେରଗଡ, କୁରୁଡା, ଶ୍ରୀଜଙ୍ଗ ଆଦି ଠାରେ ଥିବା ପ୍ରାଥମିକ ସେବା ସମବାୟ ସମିତି ଏବଂ ବିଭିନ୍ନ ପଞ୍ଚାୟତରେ ଥିବା ସାର ବିକ୍ରେତା ବିଓଏସ ମେସିନ୍ ଆଦି ଯାଞ୍ଚ କରି ଚାଷୀଙ୍କୁ ଉଚିତ୍ ମୂଲ୍ୟରେ ସାର ବିକ୍ରୟ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । କାଗଜପତ୍ର ଯାଞ୍ଚ କରିବା ସହିତ ଚାଷୀଙ୍କ ଆଧାର କାର୍ଡ ନେଇ ସାର କିଣିବାକୁ ପରାମର୍ଶ ଦେଇଛନ୍ତି ।

# ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ସୁପରଫାଷ୍ଟ୍ ଏକ୍ସପ୍ରେସ୍‌ର ବ୍ରାଣ୍ଡିଂ ପାଇଁ ନାଲ୍‌କୋ ଓ ପୂର୍ବତଟ ରେଲ୍‌ୱେ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, (ପିଏନ୍): ଭାରତର ଅଗ୍ରଣୀ ନବରତ୍ନ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଏବଂ ପୂର୍ବ ତଟ ରେଲ୍‌ୱେ ପକ୍ଷରୁ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାରପ୍ରସାର ଦିଗରେ ଏକ ପଦକ୍ଷେପ କ୍ରମେ ନୂଆଦିଲ୍ଲୀ- ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍‌ର ବ୍ରାଣ୍ଡିଂ ପାଇଁ ଆଜି ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନାଲ୍‌କୋର ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ଏବଂ ପୂର୍ବ ତଟ ରେଲ୍‌ୱେର ବରିଷ୍ଠ ଅଧିକାରୀବୃନ୍ଦଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

ଜାତୀୟ ସ୍ତରରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାରପ୍ରସାର ପାଇଁ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପକୁ ପୁରସ୍କୃତ ଅଭିନେତ୍ରୀ ନନ୍ଦିତା ଦାସ, ସୁପ୍ରସିଦ୍ଧ ଗାୟକ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ବିଶ୍ୱସ୍ତରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡଃ ଇଲିଆନା ସିତାରିସ୍ତି ଏବଂ ପ୍ରସିଦ୍ଧ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ ପ୍ରମୁଖ ଭୂୟସୀ ପ୍ରଶଂସା କରିଛନ୍ତି । ସେମାନେ କହିଛନ୍ତି ଯେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ନୃତ୍ୟଶୈଳୀର ପ୍ରସାର ପାଇଁ ନାଲ୍‌କୋ ଏବଂ ଭାରତୀୟ ରେଳବାଇର ଏହି ପ୍ରୟାସ ଏକ ଐତିହାସିକ ପଦକ୍ଷେପ । ଏହା ଦ୍ୱାରା କେବଳ ଯେ ଓଡ଼ିଶାର ପର୍ଯ୍ୟଟନରେ ଅଭିବୃଦ୍ଧି ଘଟିବ ତାହା ନୁହେଁ ବରଂ ଏହା କର୍ମନିଯୁକ୍ତି ସୃଷ୍ଟିକୁ ମଧ ତ୍ୱରାନ୍ୱିତ କରିବ ।

ଏହି ବୁଝାମଣାପତ୍ରଟି ନାଲ୍‌କୋ ପକ୍ଷରୁ ଉପମହାପ୍ରବନ୍ଧକ (ନିଗମସଂଚାର ଓ ଜନସମ୍ପର୍କ) ଶ୍ରୀ ଏଲ୍. ଦାସ ଏବଂ ସିନିୟର୍ ଡିସିଏମ୍, ଖୋର୍ଦ୍ଧା, ପୂର୍ବ ତଟ ରେଲ୍‌ୱେ ପକ୍ଷରୁ ଶ୍ରୀ ପି.କେ. ସାମଲଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା ।

ଏହି ଅବସରରେ, ନାଲ୍‌କୋର ନିର୍ଦ୍ଦେଶକ (ଉତ୍ପାଦନ) ଶ୍ରୀ ଭି. ବାଲସୁବ୍ରମଣ୍ୟମ, ନିର୍ଦ୍ଦେଶକ (ମାନବସମ୍ବଳ) ଶ୍ରୀ ବସନ୍ତ କୁମାର ଠାକୁର, ନିର୍ଦ୍ଦେଶକ (ପି ଆଣ୍ଡ୍ ଟି) ଶ୍ରୀ ସଞ୍ଜୀବ କୁମାର ରାୟ,, ନିର୍ଦ୍ଦେଶକ (ବାଣିଜ୍ୟ) ଶ୍ରୀ ପ୍ରଦୀପ କୁମାର ମିଶ୍ର, ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ସୋମନାଥ ହାଁସଦା ଏବଂ ପୂର୍ବ ତଟ ରେଲ୍‌ୱେର ସିସିଏମ୍, ପାସେଞ୍ଜର୍ ମାର୍କେଟିଂ ଶ୍ରୀ ଏମ୍.ଏଲ୍. ଆଶିଷ ରାଓ, ଡେପୁଟୀ ସିସିଏମ୍ ଶ୍ରୀ ଜେ.ଏଲ୍. ଜେନା, ପାସେଞ୍ଜର୍ ସର୍ଭିସେସ୍ ଏବଂ ସିନିୟର୍ ସିଡିଓ, ଭୁବନେଶ୍ୱର ଶ୍ରୀ ଏସ୍. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘମରା ଖାଦାନରେ ଚଢାଉ ୩ ପାଣିପମ୍ପ ମେସିନ୍ ଜବତ

ବାଲେଶ୍ୱର,(ପିଏନ): ନୀଳଗିରି ତହସିଲ ଅଧିନସ୍ଥ ପୁଡାଶୁଳ ନିକଟସ୍ଥ ବାଘମରା ପତର ଖାଦାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇ ପଥର ଉତ୍ତୋଳନ କରାଯାଉଥିବା ସମ୍ପର୍କରେ ଅଭିଯୋଗ ପାଇ ରାତି ଆଧିଆ ଚଢାଉ କରାଯାଇଛି । ଏ ନେଇ ତିନିଟି ପାଣି ପମ୍ପ ମେସିନ୍ ଜବତ କରାଯାଇଛି । କିଛି ପ୍ରଭାବଶାଳୀ ବ୍ୟକ୍ତି କ୍ରମାଗତ ଭାବେ ବେଆଇନ ବ୍ଲାଷ୍ଟିଂ କରିବା ଯୋଗୁଁ ସ୍ଥାନୀୟ ବସ୍ତି ବାସିନ୍ଦା ପ୍ରଭାବିତ ହେବା ସହ ରାଜସ୍ୱ ହାନୀ ହେଉଥିବା ସମ୍ପର୍କରେ ଅଞ୍ଚଳବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ନୀଳଗିରି ତହସିଲଦାର, ସହକାରୀ ଜିଲ୍ଲାପାଳ ରାକେଶ ପଣ୍ଡା ଓ ଆଇଆଇସି ସଦଳବେଳେ ବିଳମ୍ବିତ ରାତିରେ ଉକ୍ତ ଖାଦାନରେ ଚଢାଉ କରିଥିଲେ । ଘଟଣାସ୍ଥଳରୁ ପଥର ମାଫିଆ ଗୋଷ୍ଠୀ ଫେରାର୍ ହେବାରେ ସକ୍ଷମ ହୋଇଥିବା ଜଣାପଡିଛି । ଏହି ଖାଦାନରେ ପାଣି ଭର୍ତ୍ତି ହୋଇଥିବା ଯୋଗୁଁ ପାଣି ସଫା କରି ବ୍ଲାଷ୍ଟିଂ କରିବାକୁ ଏହି ଗୋଷ୍ଠୀ ଉଦ୍ୟମ କରୁଥିଲେ । ଚଢାଉ ସମୟରେ ସେହି ତିନିଟି ପାଣି ପମ୍ପ ମେସିନ୍ ଜବତ କରାଯାଇଛି ।

# ଗୋବିନ୍ଦ ସିଂ ଉତ୍କର୍ଷ କୋର ଇନ୍‌ଭେଷ୍ଟ ଲିମିଟେଡ୍‌ର ପ୍ରତିଷ୍ଠାତା




ଭୁବନେଶ୍ୱର(ପିଏନ): ଶ୍ରୀଯୁକ୍ତ ଗୋବିନ୍ଦ ସିଂ ଉତ୍କର୍ଷ କୋର୍ ଇନ୍‌ଭେଷ୍ଟ ଲିମିଟେଡ୍‌ର ପ୍ରତିଷ୍ଠାତା । ସେ ମଧ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଏମ୍‌ଡି ଏବଂ ସିଇଓ ଅଟନ୍ତି । ତିନି ଦଶନ୍ଧୀରୁ ଉର୍ଦ୍ଧ୍ୱ ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ ସେବାର ବିଭିନ୍ନ ଦିଗରେ ତାଙ୍କର ବିଶାଳ ଅନୁଭବ ରହିଛି । ତାଙ୍କର ଉଦ୍ଦେଶ୍ୟ ଥିଲା ଏପରି ଏକ ଅନୁଷ୍ଠାନ ଗଢିବା ଯାହାକି ଏକ ନିର୍ଭରଯୋଗ୍ୟ,ମାପଯୋଗ୍ୟ ତଥା ଦୀର୍ଘସ୍ଥାୟୀ ଅନୁଷ୍ଠାନ ହୋଇଥିବ । ଏଥିସହ ବ୍ୟୟସାପେକ୍ଷ, ସୁବିଧାରେ ଆର୍ଥିକ ସହାୟତା ଯୋଗାଇ ଦେଇ ପାରୁଥିବ, ଯଦ୍ଦ୍ୱାରା ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଘଟିବ । ଏହି ପରିପ୍ରେକ୍ଷୀରେ ୨୦୦୯ମସିହା ସେପ୍ଟେମ୍ବର ମାସରେ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ପ୍ରତିଷ୍ଠାଲାଭ କଲା ଏବଂ ୨୦୧୬ମସିହା ନଭେମ୍ବରମାସରେ ରିଜର୍ଭ ବ୍ୟାଙ୍କ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ କୁ ଲାଇସେନ୍ସ ପ୍ରଦାନ କଲା । ବର୍ତ୍ତମାନ ଏହି ଫାଇନାନ୍ସ ବ୍ୟାଙ୍କ ଏକ ନିୟମିତ ବାଣିଜ୍ୟିକ ବ୍ୟାଙ୍କ ରବପେ ୧୩ଗୋଟି ରାଜ୍ୟର ୧୬୧ଜିଲ୍ଲାରେ ୪୭୦ଟି କେନ୍ଦ୍ରରେ ୭ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଶ୍ରୀଯୁକ୍ତ ସିଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟକାରୀ ସମିତି ଗ୍ରୁପର ସଭ୍ୟ ମଧ ଅଟନ୍ତି । ଯାହା ଭାରତର ବୈଷୟିକ ବିନିମୟ ମଡେଲକୁ ଅଧିକ ବିକାଶ କରିବା ପାଇଁ ପରୀକ୍ଷା ନୀରୀକ୍ଷା କରିଥାଏ । ଉତ୍କର୍ଷ ପ୍ରତିଷ୍ଠା କରିବା ପୂର୍ବରୁ ସେ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ଗ୍ରାମ୍ୟ, କ୍ଷୁଦ୍ର ଏବଂ କୃଷି ବୈଷୟିକ ଗ୍ରୁପର ବ୍ୟାଙ୍କିଙ୍ଗ୍‌ର ବୈଷୟିକ ମୁଖ୍ୟରୂପେ କାର୍ଯ୍ୟ କରୁଥିଲେ । ସେ ମଧ ରିଟେଲ୍ ଲାଇବିଲିଟିସ୍ ଗ୍ରୁପ, ରିଟେଲ୍ ଇନଫ୍ରାଷ୍ଟକଚର୍ ଗ୍ରୁପ ସହ ଆଇସିଆଇସିଆଇରେ କାମ କରୁଥିବା ବେଳେ ଆଇସିଆଇସିଆଇ ବ୍ୟାଙ୍କରେ ତାଙ୍କୁ ମାଇକ୍ରୋଫାଇନାନ୍ସ, ବିଜିନେସ୍ କରେସ୍ପଣ୍ଡେନସ୍, ସୁନା ଗହଣା, ଋଣ, ଲାଇବିଲିଟିସ୍, ଇନଫ୍ରା ଓ ଚାନେଲ୍ ମ୍ୟାନେଜ୍‌ମେନ୍ଟ, ବ୍ରାଂଚ୍ ଲାଇସେନସିଂ ଆଦି ବିଭାଗ ତାଙ୍କୁ ଦେଖିବାକୁ ପଡୁଥିଲା ଏବଂ ସେହି ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀ ବିଷୟରେ ତାଙ୍କୁ ବିସ୍ତୃତ ଅଭିଜ୍ଞତା ମିଳିଥିଲା । ଆଇସିଆଇସିଆଇ ବ୍ୟାଙ୍କ ପୂର୍ବରୁ ୟୁଟିଆଇ ବ୍ୟାଙ୍କ ଲିମିଟେଡ୍‌ରେ ସେ କାମ କରୁଥିବା ବେଳେ ବଜେଟିଂ ଏବଂ କଂଟ୍ରୋଲ୍, ନୂଆ ସାମଗ୍ରୀର ବିକାଶ, ବାଣିଜ୍ୟର ବିଭିନ୍ନ କୌଶଳ , ଏଜେନ୍ସିମାନଙ୍କ ସହ ବ୍ୟାଙ୍କର ଯୋଗାଯୋଗ କରାଇବା , ବ୍ରାଂଚ ବୃଦ୍ଧି କରିବା, କ୍ୟାସ୍ ମ୍ୟାନେଜେମେଂଟ୍ ସିଷ୍ଟମ ସେବାକୁ ଆରମ୍ଭ କରିବା ଆଦି ବିଷୟରେ ବିଶେଷ କାର୍ଯ୍ୟ କରିଥିଲେ । ଇଣ୍ଡୋନେସିଆ ଆନ୍ତର୍ଜାତୀକ ବ୍ୟାଙ୍କରେ ସେ ବିଶେଷ ଭାବେ ବୁଷ୍ଟିଂ ଓ ସେଲ୍ସ ଅଫ୍ ଆସେଟ୍ ଏବଂ ଲାଇବିଲିଟିସ୍ ଅଫ୍ ପ୍ରଡକ୍ଟ ବିଷୟରେ କାର୍ଯ୍ୟନ୍ୟସ୍ତ ଥିଲେ । ସେ ମଧ ସୂର୍ଯ୍ୟା ରୋଶନୀ ଗ୍ରୁପ(ବିତିୟ ସେବା)ର ଶାଖା ପରିଚାଳକ ବା ମୁଖ୍ୟ ଥିବା ସମୟରେ ମୁମ୍ବାଇ ଶାଖା ଶୁଭାରମ୍ଭ ସହିତ ଏହାର କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିସହ ଫିକ୍ସ ଡିପୋଜିଟ୍ ମୋବିଲାଇଜେସନ୍ ଏବଂ ଷ୍ଟକ୍ ଏକ୍ସଚେଂଜ୍ ଅପରେସନ୍ ଆଦି କାର୍ଯ୍ୟରେ ଲିପ୍ତ ଥିଲେ । କ୍ୟାରିଅର୍ ଆରମ୍ଭରେ ସେ ଆଲ୍ଲାବାଦ ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପଟିଆଲା ସହ ଜଡିତ ଥିଲା ବେଳେ ସେ ବ୍ୟାଙ୍କିଙ୍ଗ୍‌ର ବିଭିନ୍ନ ଦିଗ ବିଷୟରେ ତଥା କମର୍ଶିଆଲ୍ ଓ ଇନ୍‌ଷ୍ଟିଚ୍ୟୁସନାଲ୍ ବିଭାଗର ଲାଇବିଲିଟିସ୍ ଓ ଆସେଟ୍ ବିଷୟରେ ବିଷଦ୍ ଅଭିଜ୍ଞତା ଲାଭ କରିଥିଲେ । ଶ୍ରୀଯୁକ୍ତ ସିଂ ଭାରତୀୟ ବ୍ୟାଙ୍କିଙ୍ଗ ଅନୁଷ୍ଠାନର ପ୍ରମାଣିତ ଆସୋସିଏଟ୍ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକଲାଭ କରିଛନ୍ତି ।

# ପୌର ସଫେଇ କର୍ମଚାରୀଙ୍କୁ ମିଳିନି ଅଗଷ୍ଟ ମାସର ଦରମା



ବାଲେଶ୍ୱର,(ପିଏନ): ଠିକାଦାର ଭରଣା କରିନଥିବା ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଇ.ପି.ଏଫ ଓ ଇ.ଏସ.ଆଇ.ସି ଅର୍ଥ ଦାବିରେ ବାଲେଶ୍ୱର ପୌରପାଳିକାର ସଫେଇ କର୍ମଚାରୀମାନେ ଆଜି ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ସୂଚନାଯୋଗ୍ୟ ଯେ, ବାଲେସ୍ୱର ପୌରପାଳିକାର ୩୧ଟି ୱାର୍ଡର ସଫେଇ କାର୍ଯ୍ୟ ପାଇଁ ଦୁଇ ଜଣ ଠିକାଦାରଙ୍କ ଅଧିନରେ ୨୮୦ ଜଣ ସ୍ୱିପର ସଫେଇ କାର୍ଯ୍ୟ କରିଆସୁଛନ୍ତି । ସ୍ୱିପରମାନେ ପ୍ରତି ମାସରେ ୭୦୦୦ ଟଙ୍କା ମଜୁରୀ ପାଇବା ଲାଗି ଠିକାଦାରଙ୍କ ସହ ପୂର୍ବରୁ ଚୁକ୍ତି ହୋଇଥିଲା । ଠିକାଦାର ରାକେଶ ନାୟକ ଓ ନାରାୟଣ ଜେନାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲେ ମଧ ସେମାନେ ପୌରପାଳିକାରୁ ସଫେଇ କର୍ମଚାରୀଙ୍କ ଧାର୍ଯ୍ୟ ମଜୁରୀ ଅର୍ଥ ବିଲ୍ ଉଠାଇନେଇଯାଇଛନ୍ତି । ଏହା ମଧ୍ୟରେ ଠିକାଦାର ରାକେଶ ନାୟକଙ୍କ ଅଧିନରେ ଥିବା ୫୦ ରୁ ୬୦ କର୍ମଚାରୀଙ୍କୁ ସେମାନଙ୍କ ମଜୁରୀ ମିଳିଥିବା ବେଳେ ନାରାୟଣ ଜେନାଙ୍କ ଅଧିନରେ କାର୍ଯ୍ୟରତ ୨୧୦ ଜଣଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନଥିବା କର୍ମଚାରୀମାନେ କହିଛନ୍ତି । ତେଣୁ ସେମାନେ ବାରମ୍ବାର ପୌରନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଜିଲ୍ଲାପାଳ ପ୍ରତି କର୍ମଚାରୀଙ୍କୁ ହଜାରେ ଲେଖାଏଁ ଟଙ୍କା ଅଗ୍ରୀମ ଆକାରରେ ନେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେବା ସହ ଉପଜିଲ୍ଲାପାଳ ନିଲୁ ମହାପାତ୍ର ଓ ଡିଏସପି ଉମେଶ କୁମାର ପଣ୍ଡାଙ୍କୁ ଅର୍ଥ ପ୍ରଦାନ ଦାୟିତ୍ୱ ଦେଇଥିଲେ । ମାତ୍ର ସଫେଇ କର୍ମଚାରୀମାନେ ସୋମବାର ଦିନ ସମ୍ପୂର୍ଣ୍ଣ ମଜୁରୀ ଅର୍ଥ ପାଇବା ପରେ କାର୍ଯ୍ୟରେ ଯୋଗ ଦେବେ ବୋଲି ଚେତାବନୀ ଦେଇଥିଲେ । ଆଜି ପୌର କର୍ମଚାରୀମାନେ ସେମାନଙ୍କର ପ୍ରାପ୍ୟ ପାଇନଥିବାରୁ ସେମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସଥିଲେ ଏବଂ ସମସ୍ତ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ । ଏପରିକି ଅନ୍ୟାନ୍ୟ କର୍ମନଚାରୀମାନଙ୍କୁ ମଧାହ୍ନ ଭୋଜନ ପାଇଁ ମଧ ଛାଡି ନଥିଲେ । ସେମାନେ ଠିକାଦାରଙ୍କ ଘରେ ପହଞ୍ଚିଲେ ମଧ ୧୫ ଦିନ ହେଲା ସେ ଘରେ ନାହାନ୍ତି ବୋଲି ତାଙ୍କ ଘର ଲୋକ କହୁଛନ୍ତି । ତେଣୁ ସେମାନେ ସେମାନଙ୍କର ପ୍ରାପ୍ୟ ନପାଇଲେ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।




# କାର୍ଯ୍ୟଦକ୍ଷ ଭେଷଜ ତତ୍ତ୍ୱାବଧାରକ



ଆଜିର ବ୍ୟସ୍ତବହୁଳ, ବ୍ୟୟସାପେକ୍ଷ ଓ ଚିନ୍ତାଜନକ ସମୟରେ ଚିକିତ୍ସା ବିଜ୍ଞାନରେ ଅନେକ ପରିବର୍ତ୍ତନ ଓ ଉନ୍ନତି ଘଟୁଛି। ଉନ୍ନତମାନର ଓ ରୋଗୀମାନଙ୍କ ପରିସ୍ଥିତିକୁ ଦେଖି ସମସ୍ତଙ୍କ ପାଇଁ ସୁଲଭ ଉପଲବ୍ଧ ହୋଇପାରୁଥିବା ଚିକିତ୍ସା ଓ ଔଷଧର ବ୍ୟାପକ ବ୍ୟବହାର ଦ୍ୱାରା ଅନେକ ଦୁରାରୋଗରୁ ମୁମୂର୍ଷୁମାନେ ଆରୋଗ୍ୟ ହେଉଛନ୍ତି। ଦେବଦୂତ କୁହାଯାଉଥିବା ଡାକ୍ତର ମାନଙ୍କ ପରି ଫାର୍ମାସିଷ୍ଟ ବା ଭେଷଜ ତତ୍ତ୍ୱବଧାରକମାନେ ଉନ୍ନତମାନର ଔଷଧ ପ୍ରସ୍ତୁତ କରି ସମାଜକୁ ରୋଗ ମୁକ୍ତ ରଖୁଥିବା ଫାର୍ମାସିଷ୍ଟଙ୍କୁ ଏହାର ଶ୍ରେୟ ଯାଉଛି। ଫାର୍ମାସିଷ୍ଟଙ୍କ କାର୍ଯ୍ୟଦକ୍ଷତାକୁ ଲୋକଲୋଚନକୁ ଆଣିବା ତଥା ସେମାନଙ୍କୁ ସାଧୁବାଦ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୫କୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ଭାବେ ପାଳନ କରାଯାଉଛି। ଔଷଧ ପ୍ରସ୍ତୁତି ପାଇଁ ବ୍ୟବହୃତ ହେଉଥିବା ଜ୍ଞାନ କୌଶଳ ତଥା ବିଜ୍ଞାନକୁ ଫାର୍ମାସୀ କୁହାଯାଏ। ଅନେକ ହୁଏତ ଜାଣିନାହାଁନ୍ତି ଉଭୟ ଚିକିତ୍ସା ଓ ରସାୟନ ବିଜ୍ଞାନର ମିଶ୍ରଣ ହେଉଛି ଫାର୍ମାସୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ପ୍ରାୟ ୨.୬ ମିଲିୟନ ଫାର୍ମାସିଷ୍ଟ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଅନ୍ତର୍ଜାତୀୟ ଫାର୍ମାସିୟୁଟିକାଲ ଫେଡେରେସନ ପକ୍ଷରୁ ୨୦୦୯ ମସିହାରେ ତୁର୍କୀର ଇସ୍ତାନବୁଲରେ ପ୍ରଥମେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ଅନୁଷ୍ଠାନ ବିଭିନ୍ନ ଥିମ୍ ମାଧ୍ୟମରେ ଲୋକଙ୍କୁ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ସଚେତନ ସୃଷ୍ଟି କରୁଛି। ଚଳିତବର୍ଷର ଥିମ୍ ରହିଛି ସେଫ୍ ଆଣ୍ଡ ଇଫେକ୍ଟିଭ ମେଡ଼ିସିନ୍ସ ଫର ଅଲ (ସମସ୍ତଙ୍କ ପାଇଁ ନିରାପଦ ଓ ପ୍ରଭାବୀ ଔଷଧ)। ଫାର୍ମାସିଷ୍ଟଙ୍କୁ ମେଡ଼ିସିନ ଏକ୍ସପର୍ଟର ମାନ୍ୟତା ଦେବା ଲକ୍ଷ୍ୟରେ ଏହି ଥିମ୍ ରଖାଯାଇଥିବା ଏଫ୍ଆଇପିର ବାର୍ତ୍ତା। ଆଜିର ଉଦ୍‌ବେଗଜନକ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ଏକ ସରକାରୀ ଡାକ୍ତରୀଖାନା ହେଉ ବା ବେସରକାରୀ ଡାକ୍ତରଖାନା ଡାକ୍ତରଙ୍କ ଠାରୁ ବେଶୀ ଖୋଜା ପଡ଼ିଥାନ୍ତି ଫାର୍ମାସିଷ୍ଟମାନେ। ଘଣ୍ଟା ଘଣ୍ଟା, ରାତି ରାତି ଅନିଦ୍ରା ହୋଇ ନିଃସ୍ୱାର୍ଥପର ଭାବରେ କେବଳ ଦରମା ଗଣ୍ଡାକରେ ନିଜେ ସନ୍ତୁଷ୍ଟ ହୋଇ ମୁମୂର୍ଷୁଙ୍କୁ ସେବା ପ୍ରଦାନ କରିଥାନ୍ତି। ସେବା ପ୍ରଦାନ କଲାବେଳେ ସେମାନେ ଅନେକ ସମୟରେ ନିଜ ଜୀବନକୁ ବିପନ୍ନ କରୁଥିଲେ ବି ସାମାନ୍ୟତମ ଭାବରେ ସେମାନେ ଅନୁଶୋଚନ କରିନଥାନ୍ତି। କାରଣ ସେମାନଙ୍କ ପାଇଁ ଜୀବନ ଟିକକ ପାଇଁ ଛଟପଟ ହେଉଥିବା ମୁମୂର୍ଷୁ ଜଣଙ୍କର ଦାୟିତ୍ୱ ଓ ସେବା ଭିତରେ ରହିଥାଏ ବଡ଼ଧର୍ମ। କିନ୍ତୁ ଅନେକ ସମୟରେ ସେମାନେ ଭୁଲବୁଝାମଣାର ଶିକାର ହୋଇଥାନ୍ତି। ଏପଟେ ପ୍ରଶାସନିକ କ୍ଷେତ୍ରରେ ନାଲି ଫିତା ତଳେ ସେମାନଙ୍କ ଆବେଦନ ଓ ନିବେଦନ ବନ୍ଧା ପଡ଼ିଯାଏ। ଆର୍ଥିକ ସହାୟତା ହେଉ ବା ବୃତ୍ତିଗତ କ୍ଷେତ୍ରରେ ପଦୋନ୍ନତି ଏହାକୁ ଅନେକ ସମୟରେ ଅଣଦେଖା କରାଯାଇଥାଏ। ଅନେକ ଫାର୍ମାସିଷ୍ଟ ଭାଇମାନେ ବର୍ଷ ବର୍ଷ ଧରି ଏହି ବୃତ୍ତିରେ ନିଜକୁ ସାମିଲ କରି ଖରାତରା, ବର୍ଷା, ଥଣ୍ଡା ସବୁକୁ ପଛରେ ପକାଇ ନିଜ ପରିବାରର ଦାୟିତ୍ୱକୁ ପ୍ରଥମେ ନ ଦେଖି ସେବା ପାଇଁ ଆଗଭର ହୋଇଥାନ୍ତି। ବିଶ୍ୱର ପ୍ରାୟତଃ ଅଧିକାଂଶ ସ୍ୱାସ୍ଥ୍ୟ ବିକାଶଭିମୁଖୀ ରାଷ୍ଟ୍ରରେ ଏହି ଫାର୍ମାସିଷ୍ଟ ମାନଙ୍କ ଦାବୀ ଆନ୍ଦୋଳନ ପର୍ଯ୍ୟନ୍ତ କଥା ଯାଇନଥାଏ। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଏହି ରାଷ୍ଟ୍ରରେ ସେମାନଙ୍କୁ ପ୍ରାଥମିକତା ଦିଆଯାଇ ଚାକିରୀ କ୍ଷେତ୍ରରେ ସେବା ପ୍ରଦାନ ପାଇଁ ଅଗ୍ରାଧିକାର ସୁବିଧା ମିଳିଥାଏ ଯାହାକି ଭାରତରେ ଏଯାବତ୍ ସମ୍ଭବ ହୋଇପାରୁନାହିଁ। ଆଜି ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏକ ଭାବନା ଓ ସଚେତନତା ସୃଷ୍ଟି ହେଉ ଏହି ବୃତ୍ତିଗତ କ୍ଷେତ୍ରଧାରୀ ମଣିଷ ମାନଙ୍କ ପାଇଁ ଅନ୍ତତଃ ଭଲପାଇବା ଓ ସମବେଦନାର ହାତ ବଢ଼ାଇବା ଯାହାଦ୍ୱାରା ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ବୃଦ୍ଧି ପାଇପାରିବ।

**ଶାରଦା ପ୍ରସନ୍ନ ବେହେରା,**
**ଭେଷଜ ତତ୍ତ୍ୱାବଧାରକ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୭୬୫୭୦୭୧୯୬୭**

# ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀଙ୍କୁ ମୁଖାଗ୍ନି ଦେଲେ ପୁତ୍ରବଧୂ ଆରତୀ



ଭୁବନେଶ୍ୱର (ପିଏନ୍): ସେବା, ସଂସ୍କାର ଓ ସଂଗ୍ରାମ କ୍ଷେତ୍ର ପାଇଁ ପରିଚିତି ଲାଭ କରିଥିବା ଓଡ଼ିଶାର ଚୌଧୁରୀ ପରିବାର ଆଜି ପୁଣି ଏକ ନୂଆ ଇତିହାସ ସୃଷ୍ଟି କରିଛି। ବିଶିଷ୍ଟ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ତାଙ୍କ ପୁତ୍ରବଧୂ ଆରତୀ ଚୌଧୁରୀ ମୁଖାଗ୍ନି ଦେଇଛନ୍ତି। ଏଠାରେ ଉଲ୍ଲେଖନୀୟ ମହାତ୍ମାଗାନ୍ଧୀଙ୍କ ସମୟରେ ସେବାଗ୍ରାମ ଆଶ୍ରମରେ ତାଲିମ ପାଇଥିବା ଉଚ୍ଚଶିକ୍ଷିତା ସୁମିତ୍ରାଙ୍କ ସହ ମା' ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ପୁତ୍ର ମନମୋହନ ଚୌଧୁରୀଙ୍କର ବିବାହ ସେବାଗ୍ରାମ ଆଶ୍ରମରେ ହୋଇଥିଲା। ଏହି ବିବାହ ପରେ ନିଜେ ଗାନ୍ଧୀଜୀ ସେମାନଙ୍କୁ ଆଶୀର୍ବାଦ ଦେଇ ସେବା କ୍ଷେତ୍ରରେ ଆଜୀବନ ବ୍ରତୀ ରହିବାକୁ ସଂକଳ୍ପ କରାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଚୌଧୁରୀ ପରିବାରର ୮ ଜଣ କାରାବରଣ କରିବା ସହିତ ସେମାନଙ୍କ ଅନ୍ୟୂନ ୨୬ ଜଣ ବନ୍ଧୁବାନ୍ଧବ ବି ଜେଲ୍ ଯାଇଥିଲେ। ଏହାଛଡ଼ା ଏହି ପରିବାର ରାଜ୍ୟରେ ଶହ ଶହ ସଂଗ୍ରାମୀ ଓ ସମାଜସେବୀ ସୃଷ୍ଟି କରିଥିଲା। କିଛିବର୍ଷ ତଳେ ମନମୋହନ ଚୌଧୁରୀଙ୍କ ଦେହାନ୍ତ ହୋଇଥିଲା ଏବଂ ସେତେବେଳେ ତାଙ୍କ ଝିଅ ମାଧବୀ ମୁଖାଗ୍ନି ଦେଇଥିଲେ। ଏବେ କିନ୍ତୁ ଖାନନଗର ଶ୍ମଶାନରେ ସୁମିତ୍ରା ଚୌଧୁରୀଙ୍କ ଶେଷକୃତ୍ୟରେ ତାଙ୍କ ବୋହୂ ଆରତୀ ମୁଖାଗ୍ନି ଦେଇଛନ୍ତି। ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ନେତା, ସାମାଜିକ କର୍ମୀ ବିଶେଷ କରି ମହିଳା ଓ ଶିଶୁ କଲ୍ୟାଣ ଏବଂ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ଅନେକ ନାରୀ କର୍ମୀ ସୁମିତ୍ରା ଚୌଧୁରୀଙ୍କ କଟକ ବାଖରାବାଗସ୍ଥିତ ବାସଭବନରୁ ତାଙ୍କ ଶବ ଶୋଭାଯାତ୍ରାରେ ଥୋରିଆ ସାହିସ୍ଥିତ ଗୁଣନିଧି ଭବନକୁ ଯାଇଥିଲେ ଏବଂ ସେଠାରୁ ତାଙ୍କ ଶବାଧାରକୁ ଏକ ଶୋଭାଯାତ୍ରାରେ ଖାନନଗର ଶ୍ମଶାନକୁ ଅଣାଯାଇ ସତ୍କାର କରାଯାଇଥିଲା। ଏଥିରେ ତଥାକଥିତ ରୀତିନୀତି ଅନୁଯାୟୀ ବ୍ରାହ୍ମଣମାନଙ୍କ ଦ୍ୱାରା କୌଣସି କର୍ମକାଣ୍ଡ ହୋଇନଥିଲା। ରାମଧୂନ୍ ସହିତ ଗାନ୍ଧୀଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନତୋ' ଓ ସର୍ବଧର୍ମ ପ୍ରାର୍ଥନା ମାଧ୍ୟମରେ ତାଙ୍କ ଅନୁଗାମୀମାନେ ସୁମିତ୍ରା ଚୌଧୁରୀଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ ପୂର୍ବକ ଭାବବିହ୍ୱଳ ବିଦାୟ ଜଣାଇଥିଲେ।

# ସ୍ୱପ୍ନର ସୌଦାଗର !




**ବିଶ୍ୱ ସ୍ୱପ୍ନ ଦିବସ:** ୨୦୧୨ରୁ ପ୍ରତି ବର୍ଷ ସେପ୍ଟେମ୍ବର ୨୫ରେ ପାଳିତ ହେଉଛି ବିଶ୍ୱ ସ୍ୱପ୍ନ ଦିବସ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ମଣିଷ ଶୋଇଥିବା ବେଳେ ହାରାହାରି ପାଞ୍ଚରୁ ସାତ ଥର ସ୍ୱପ୍ନ ଦେଖିପାରେ। ବାର ପ୍ରତିଶତ ମଣିଷ କଳା ଓ ଧଳାରେ ସ୍ୱପ୍ନ ଦେଖନ୍ତି। ଦୃଷ୍ଟିହୀନମାନେ ସ୍ୱପ୍ନରେ ଛବି ଦେଖିପାରନ୍ତି। ପୋଷା ପ୍ରାଣୀମାନେ ବି ସ୍ୱପ୍ନ ଦେଖୁଥିବା ମୁହଁ ହିଁ ସ୍ୱପ୍ନରେ ଦେଖିଥାଏ। ମଣିଷ ଶୋଇବାର ନବେରୁ ଶହେ କୋଡ଼ିଏ ମିନିଟ୍ ମଧ୍ୟରେ ସ୍ୱପ୍ନ ଦେଖେ। ଉଠିବାର ପାଞ୍ଚ ମିନିଟ୍ ଭିତରେ ପଚାଶ ପ୍ରତିଶତ ସ୍ୱପ୍ନ ବିସ୍ମୃତ ହୋଇଯାଏ ଏବଂ ଦଶ ମିନିଟ ମଧ୍ୟରେ ନବେ ପ୍ରତିଶତ। ପ୍ରତ୍ୟେକ ମଣିଷର ଆୟୁର ପ୍ରାୟ ଛଅ ବର୍ଷ କାଳ ସ୍ୱପ୍ନ ଦେଖିବାରେ କଟେ। ଆମେ ଦେଖୁଥିବା ଅଧିକାଂଶ ସ୍ୱପ୍ନ ନକାରାତ୍ମକ। ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକତର ହିଂସ୍ର ସ୍ୱପ୍ନ ଦେଖନ୍ତି। ଘୁଙ୍ଗୁଡ଼ି ମାରୁଥିବା ବେଳେ ସ୍ୱପ୍ନ ଆସେନାହିଁ। ପୁରୁଷମାନେ ଅଧିକାଂଶ ସମୟରେ ପୁରୁଷଙ୍କୁ ହିଁ ସ୍ୱପ୍ନରେ ଦେଖନ୍ତି। ତେବେ ମହିଳାମାନେ ସମାନ ସଂଖ୍ୟକ ପୁରୁଷ ଓ ମହିଳା ସ୍ୱପ୍ନରେ ଦେଖନ୍ତି। ସ୍ୱପ୍ନ ବେଳେ ଅନେକଙ୍କୁ ଚରମ ଯୌନ ତୃପ୍ତି ମିଳିଥାଏ।



ପିଲାବେଳର ସାଙ୍ଗ ବିଭୁତି କଥା ମନେ ପଡ଼ିଗଲେ ଭାରି ହସ ଲାଗେ। ସଂଯୋଗକୁ ଏକ ଫାର୍ମା କମ୍ପାନୀରେ ବିଶାଖାପାଟଣାରେ କାମ କରୁଥିବା ପିଲାଦିନର ସାଙ୍ଗ ବିଭୁତି ଭେଟ ବି ହୋଇଗଲା। ମୋତେ କହିଲା 'ତୁମେ ସବୁ ଡାକ୍ତର ଲୋକ, ଜାଣିଛ ମୁଁ ଦିନେ ଦିନେ ରାତିରେ ବଢ଼ିଆ ବଢ଼ିଆ ସ୍ୱପ୍ନ ସବୁ ଦେଖେ। ଏଇ ଯେମିତି ଶ୍ରୀକାନ୍ତ ଭାଇ ତିଆରି କରିଥିବା ଗଣେଶ କମ୍ପାନୀରେ ମୁଁ ଦିନାକାତି ବଡ଼ ମାଲିକ ହୋଇଯାଇଛି। କାନାଡ଼ାରେ ମୌଜ ମସ୍ତି କରୁଛି, ବହୁତ ପଇସା କମାଇଛି, ସକାଳୁ ନିଦ ଭାଙ୍ଗିଗଲା ବେଳକୁ ବାପା ରାଜମିସ୍ତ୍ରୀ କାମକୁ ଗଲାବେଳକୁ ପାଟି କଲାବେଳକୁ ମୁଁ ପ୍ରକୃତିସ୍ଥ ହୋଇଯାଉଛି। ତୁମେ କହିଲ ମୋ ଭାଗ୍ୟରେ ତ କାନାଡ଼ା ବୁଲିବାର ନାହିଁ, ଏ ଅଜବ ସ୍ୱପ୍ନଗୁଡ଼ା ସତରେ କ'ଣ ସବୁ? ମୁଁ ତାକୁ କହିଲି ତୋ ପାଠସାଠ, ଯୋଗ୍ୟତା, ସବୁକୁ ଦେଖି ନିଜ ଜୀବନରେ ଛିଡ଼ା ହୋଇପାରିବୁ। ସ୍ୱପ୍ନ ସବୁ କିଛି କ୍ଷଣର ମାଦକତା। ସ୍ୱପ୍ନର ସୃଷ୍ଟି ମଧ୍ୟ ମସ୍ତିଷ୍କରୁ। ସ୍ୱପ୍ନରେ ନିଜ ଭାବନା, ଚିନ୍ତା, ସ୍ମରଣଶକ୍ତି ଓ ଜ୍ଞାନ ଇତ୍ୟାଦି ଆପଣାଛାଏଁ ମସ୍ତିଷ୍କରେ ଚାଲିଥାଏ। ବାସ୍ତବ କଥା ହେଉଛି ଜୀବନରେ ସମସ୍ତ ଆଶା ଓ ଇଚ୍ଛା କରୁଥିବା ବା ଅଭିଳାଷ ଅନେକ ସମୟରେ ଆମ ମାନସ ପଟ୍ଟରେ ଆସେ ଓ ଏହା ମନରେ ଭାବ ବିହ୍ୱଳତା ସୃଷ୍ଟି କରେ। ଜଣେ ଗୋଟିଏ କାମ କରୁଥିବାବେଳେ ବା ଗୋଟିଏ କଥା ଶୁଣୁଥିବାବେଳେ ମଧ୍ୟ ଅନ୍ତର ଭାବନା ଓ ଚିନ୍ତା ଏକା ଓ ବହୁପ୍ରକାରର ହୋଇପାରେ। ଏହି ଭାବନା ଗୁଡ଼ିକ ପରିପୂରଣ ହେବା ସଙ୍ଗେ ସଙ୍ଗେ ସମ୍ଭବ ନହେଲେ ଏଗୁଡ଼ିକ ସ୍ୱପ୍ନ ରୂପରେ ନିଦ୍ରିତ ଅବସ୍ଥାରେ ଉପଭୋଗ କଲାପରି ଲାଗେ। ଯେଉଁ ଇଚ୍ଛା ମନରେ ଥାଏ ତାହା ଇପସି୍ତ ଭାବନା ହୋଇରହେ। ସକାରାତ୍ମକ ଭାବନାଗୁଡ଼ିକ ହେଲା, ସ୍ନେହ, ପ୍ରେମ, ଭଲପାଇବା, ନିଜ ପ୍ରତି, ପରିବାର ପ୍ରତି, ପାଠପଢ଼ାରେ, ସମାଜ ପ୍ରତି ଓ ନିଜ ଚାକିରି ବୃତ୍ତି ବା ବ୍ୟବସାୟ ବୃଦ୍ଧିରେ କିଛି ଉନ୍ନତିର ଭାବନା। ଯଥା ଘର କରିବା, ବଡ଼ଲୋକ ହେବା, ମୌଜ ମଜଲିସ୍ କରିବା, କାନାଡ଼ା ବୁଲିବା, ହୋଇପାରେ ଭଲ ଚିନ୍ତନରେ ଦେଶ ସେବା କରିବା ବା ସମାଜ ସେବାରେ ନିଜକୁ ଅତିବାହିତ କରିବା। ଠିକ୍ ସେହିପରି ନକରାତ୍ମକ ଭାବନା ହେଲା ଘୃଣା, ଈର୍ଷା, ବିଦ୍ୱେଷର ଭାବନା। ନିଜ କୁକର୍ମର ଅନ୍ତରାୟର ଭାବନା, ଅନ୍ୟ ମାନଙ୍କ ପ୍ରତି ଦମନ, ଅନ୍ୟକୁ ସହି ନପାରିବାର ଭାବନା, ୪୨୦ କଥା କହି ନିଜ ଲୋକଙ୍କୁ ଠକିବା, ଫୋନ ଧରି ଛାତ ଉପରକୁ ଦୌଡ଼ି ନିଜ ପେଟପାଟଣା କଥାକୁ ଭୁଲି ଗାଲୁ ମାରିବା, ଫୁଟିମାରି ଦୁନିଆ ଝିଅଙ୍କ ସହ ଲଟରପଟର ହେବା, ବନ୍ଧୁଘରେ ରହି ସାହିର ଲଫଙ୍ଗା ଟୋକାଙ୍କ ସହ ମିଶି ଗଞ୍ଜେଇ ଟାଣିବା ବା ନିଶାରେ ଚୁର୍ ହେବା, ଦାନାପାଣି ଦେଇଥିବା ବନ୍ଧୁଘର ବଡ଼ଭାଇଟିକୁ ଭୁଡେଇ ତାଙ୍କ ଘରଲୋକଙ୍କୁ ଧୁମ୍ ଗାଲୁ ପେଲିବା, ମିଛରେ ବମ୍ବେରେ ଚାକିରି ହୋଇଛି, କାନାଡାରେ ହୋଇଛି ଏପରି ବିଭ୍ରାନ୍ତିଆ କଥା ସବୁ କହି ନିଜର କ୍ଷତିକରିବା। ସବୁଠୁ ବଡ଼ କଥା ହେଉଛି ନିଜ ଆୟର ଔକାତ୍‌କୁ ଭୁଲି ଘର ଲୋକଙ୍କୁ ବଡ଼ ଆର୍ଥିକ ସାହାଯ୍ୟର ଆଶା ମରିଚିକା ଦେଖାଇବା, ଦୁଃଖର ଭାବନା, ଆତ୍ମହତ୍ୟା ବା ଅନ୍ୟକୁ ମାରିଦେବାର ଭାବନା ବା ରୋଗର ଭାବନା, ଦୁର୍ଘଟଣାର ଭାବନା ଇତ୍ୟାଦି।

ନିଦ୍ରା ବିଭିନ୍ନ ପ୍ରକାରର ଅଛି। ଗାଢ଼ ନିଦ୍ରା ହେଉଛି ଯାହାକି ନିଦ୍ରିତ ଅବସ୍ଥାରେ ପ୍ରତି ୨୦-୨୫ ମିନିଟରେ ୨୦-୨୫ ମିନିଟ ପର୍ଯ୍ୟନ୍ତ ହୁଏ। ରକ୍ଷରମଶ୍ୱକ୍ୱକ୍ଟରଭ-ମରକ୍ତ୍ରଷବକ୍ଷକ୍ଟଶକ୍ୱବଙ୍କ ରେ କ୍ୱରମକ୍ଟକ୍ୱୟ କରାଯାଇ ଦେଖାଯାଇଛି। ଏହା ପ୍ରକୃତ ନିଦ। ଯେଉଁଥିରେ ବଡ଼ ବଡ଼ ଧୀର ତରଙ୍ଗ ଆସେ ଓ ମଝିରେ ମଝିରେ ଲାଗି ଲାଗି ବା ସ୍ଲିପ ବଣ୍ଡଲ ନିଦ୍ରଗୁଚ୍ଛ ରେକର୍ଡ଼ ହୁଏ। ଏଥିରେ ସ୍ୱପ୍ନ ହୁଏନା। ଏହି ସମୟରେ ଡୋଳା ଧୀରେ ଧୀରେ ଏପଟ ସେପଟ ହୁଏ। ସେହିପରି ଆଉ ଗୋଟିଏ ହେଉଛି ଯାହାକୁ କହନ୍ତି ପତଳା ନିଦ ବା ଛାଇ ନିଦ। ଏହାକୁ ମାନସିକ ରୋଗ ବିଜ୍ଞାନରେ କୁହାଯାଏ ପାରାଡକ୍ସିକାଲ ସ୍ଲିପ୍। ଯାହାକି ନିଦ୍ରିତ ଅବସ୍ଥାରେ ବେଶି ସମୟ ଧରି ୬୦-୮୦ ମିନିଟ ବ୍ୟବଧାନରେ ୨୦-୨୫ ମିନିଟ ପର୍ଯ୍ୟନ୍ତ ହୋଇଥାଏ। ଏହି ସମୟରେ ନିଦ୍ରିତ ଲୋକର ଆଖି ଡୋଳା ଥର ଥର ହୋଇ ପେଣ୍ଡୁଲମ୍ ପରି ଖୁବ୍ ଜୋରରେ ଏପଟ ସେପଟ ହେଉଥାଏ। ଯାହାକି ପତା ଉପରୁ ମଧ୍ୟ ଲକ୍ଷ୍ୟ କରାଯାଇ ପାରିବ। ଏହାକୁ ଜରଗ (ଜବକ୍ତ୍ରସୟ ରଚ୍ଚର ଗକ୍ଟଙ୍ଗରଙ୍କରଭଶ୍ୱ ଝକ୍ଷରରକ୍ତ୍ର) କହନ୍ତି। ଏହା ହିଁ ସ୍ୱପ୍ନର ସମୟ। ବାସ୍ତବ କଥା ହେଉଛି ସ୍ୱପ୍ନ ଆମ ଶରୀର ପାଇଁ ହିତକାରୀ - ଏହା ଭାବନା ପରିପ୍ରକାଶର ଉପାୟ ଓ ଏହାଦ୍ୱାରା ସମସ୍ତ ବିହ୍ୱଳତା ରୋଗ ଦୂର ହୁଏ। ଏହା ଶରୀରର ଏକ ସ୍ୱେଚ୍ଛାକୃତ ପ୍ରତିରକ୍ଷା। ଏହା ସମସ୍ତ ଆବାଳବୃଦ୍ଧବନିତା, ଶିଶୁଠାରୁ ବୁଢ଼ା ହେବା ପର୍ଯ୍ୟନ୍ତ ସମସ୍ତେ ଦେଖିଥାନ୍ତି। ଯେଉଁମାନେ କହନ୍ତି ଯେ ସେ ସ୍ୱପ୍ନ ଦେଖିନାହାଁନ୍ତି, ପ୍ରକୃତରେ ସେମାନେ ଭୁଲିଯାଇଥାନ୍ତି।

**ଡାକ୍ତର ସମ୍ରାଟ କର,**
**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩**

## ଦ୍ୱିତୀୟ ସମାଜସେବା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଦ୍ୱିତୀୟ ସମାଜସେବା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠାନର ସଂଯୋଜକ ମିର୍ ଅହମଦ୍ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଭଳି ସମାଜସେବାରେ ନିଜକୁ ନିୟୋଜିତ କରିଥିବା କିଛି ସାମାଜିକ ବ୍ୟକ୍ତି ଓ ସଙ୍ଗଠନମାନଙ୍କୁ ସମ୍ମାନିତ କରାଯିବା ସହ ସମାଜସେବା କ୍ଷେତ୍ରରେ କିଭଳି ନୂତନତ୍ୱ ପ୍ରଣାଳୀ ଆପଣାଇ ସମାଜକୁ ଏକ ନୂତନ ରୂପେ ଗଠନ କରାଯାଇପାରିବ, ତା' ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଉନ୍ନୟନ ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଭିନ୍ନକ୍ଷମ ବିଭାଗର ଅଧ୍ୟକ୍ଷା ଶ୍ରୀମତୀ ସୁଲୋଚନା ଦାଶ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର, ପୂର୍ବତନ ଖଦୀ ବୋର୍ଡ଼ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ସମାଜବାଦୀ ପାର୍ଟି ଓଡ଼ିଶା ଶାଖାର ସଭାପତି ରବି ବେହେରା, ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାଶ ପ୍ରମୁଖ ଯୋଗଦେଇ ସମାଜସେବୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ମାନିତ ହୋଇଥିବା ଅନୁଷ୍ଠାନଗୁଡ଼ିକ ହେଲେ ହେଲ୍‌ପ ହ୍ୟୁମାନିଟି, ଫିନିକ୍ସ ସେବା, ପରିବର୍ତ୍ତନ ଫାଉଣ୍ଡେସନ୍, ପିପୁଲ୍ ଫର୍ ସେବା, ନବନିର୍ମାଣ ଏକ ଛୋଟିସି ଆଶା, ରିମେଡିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ, ସବୁଜ ଭାରତ, ଜନନୀ ଫାଉଣ୍ଡେସନ୍, ଆଶାଏଁ, ଜ୍ୟୋତି ସେବକ ଗ୍ରୁପ୍, ସୋଚ୍ ଫାଉଣ୍ଡେସନ୍, ନବନିର୍ମାଣ ଯୁବଛାତ୍ର ସଙ୍ଗଠନ। ସମ୍ମାନିତ ହୋଇଥିବା ସମାଜସେବୀ ମାନେ ହେଲେ - ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା, ଅଭିଜିତ୍ ଦାସ, ଚିନ୍ମୟୀ ମହାପାତ୍ର, ତବରେଜ୍ ଖାନ୍, ମିଥୁନ୍ ନାୟକ, ପ୍ରତାପ ସାହୁ, ସଂଘମିତ୍ରା ଜେନା, ବିଚିତ୍ରାନନ୍ଦ ବିଶ୍ୱାଳ, ଜ୍ଞାନରଞ୍ଜନ ବାରିକ, ଅରୋବିନ୍ଦ କାନୁନଗୋ। ଏହି କାର୍ଯ୍ୟକ୍ରମରେ ଶିବାଙ୍ଗୀ, ସନ୍ଧ୍ୟା, ବିଶ୍ୱଜିତ୍, ଗୋବିନ୍ଦ, ଲୋକରଞ୍ଜନ, ସୁଶାନ୍ତ, ମେହେଫୁଜ୍, ଶାସ୍ୱତୀ, ସୌଭାଗ୍ୟଲକ୍ଷ୍ମୀ, ବାଳକୃଷ୍ଣ, ଅଜିତ୍, ମାନସ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସିନେ ଅଭିନେତା ଚନ୍ଦନ ଓ ଅନ୍ୟାନ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସ୍ରିକ୍ ଏଜୁକେଶନ ଓ ଜବ୍‌ସ ପକ୍ଷରୁ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର (ପିଏନ୍): ସ୍ରିକ୍ ଏଜୁକେଶନ ଓ ଜବ୍‌ସ (ଏସ୍ଆରଆଇସି) ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ସହ ଡ଼ିଜିଟାଲ ମିଡ଼ିଆ ଜ୍ଞାନ ଆହରଣ କରାଇବାର ଅଭିଯାନ ଜାରି ରଖିଛି। କମ୍ପ୍ୟୁଟରରେ ଦକ୍ଷତା ହାସଲ ପରେ ଛାତ୍ରଛାତ୍ରୀମାନେ କର୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ମାନବ ଜୀବନକୁ ସରସ ସୁନ୍ଦର କରିବାକୁ ଏସ୍ଆରଆଇସି ପକ୍ଷରୁ ଏଭଳି ଆଭିମୁଖ୍ୟ ଗ୍ରହଣ କରଯାଇଛି। ଏଥିନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୭୦ରୁ ୮୦ଟି ସେଣ୍ଟର ଖୋଲିଛି। ଏହାଦ୍ୱାରା ବହୁ ଇଣ୍ଟରପ୍ରିନ୍ୟୁର ସୃଷ୍ଟି ହୋଇଛନ୍ତି। ସେମାନେ ଏହି ପ୍ରକ୍ରିୟାରେ ସାମିଲ୍ ହୋଇ ଆତ୍ମନିର୍ଭରଶୀଳ ହୋଇଛନ୍ତି। କେବଳ ଓଡ଼ିଶା କାହିଁକି ଏସ୍ଆରଆଇସି ପକ୍ଷରୁ ଝାଡ଼ଖଣ୍ଡରେ ୨୦ଟି, ଛତିଶଗଡ଼ରେ ୩ଟି ଏବଂ ବିହାରରେ ୭ଟି କେନ୍ଦ୍ର ଖୋଲିଛି। ସେସବୁ ରାଜ୍ୟରେ ମଧ୍ୟ ଇଣ୍ଟରପ୍ରିନ୍ୟୁରଙ୍କ ସମେତ ବହୁ ଦକ୍ଷ ଛାତ୍ରଛାତ୍ରୀ ବାହାରିଲେଣି। ଏହାଦ୍ୱାରା କମ୍ପ୍ୟୁଟର ଶିକ୍ଷାର ବହୁ ପ୍ରଚଳନ ସାଙ୍ଗକୁ ଡ଼େକ୍ସଟପ ଓ ଲାପଟପ ବ୍ୟବହାର କରିବାର ଜ୍ଞାନକୌଶଳ ସହଜ ହୋଇଛି। ଦିନକୁ ଦିନ ଅଧିକରୁ ଅଧିକ ଇଣ୍ଟରପ୍ରନ୍ୟୁର, ଭଲେଣ୍ଟିୟର, ଦକ୍ଷ ଛାତ୍ରଛାତ୍ରୀ ସୃଷ୍ଟି ହେବା ସହ ଡ଼ିଜିଟାଲ ଏମ୍ପ୍ଲୋମେଣ୍ଟ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୭ ମସିହା ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଭାବେ ପାଖାପାଖି ୮୫ଟି ବ୍ରାଣ୍ଡ ନ୍ୟୁ କମ୍ପ୍ୟୁଟର କନେକ୍ସନ କରିଛନ୍ତି। ସେମାନଙ୍କର ତାଲିମ ପାଇଁ ହୋମ୍ ଟ୍ୟୁଟର ମଧ୍ୟ ନିଯୁକ୍ତ ହୋଇଛନ୍ତି। ହେଲପ ଲାଇନ୍ ଯୋଡ଼ି ହୋଇଛି। ପ୍ରତିଟି କମ୍ପ୍ୟୁଟର ନିବେଶକୁ ଅଡ଼ିଓ ଭିଜୁଆଲର ସମ୍ପୂର୍ଣ୍ଣ ପ୍ୟାକେଜ ଯୋଗାଇ ଦିଆଯାଉଛି। ଜଣେ ଛାତ୍ର ଗୋଟିଏ କମ୍ପ୍ୟୁଟର ବ୍ୟବହାର କଲେ ତାଙ୍କ ସହ ଆଉ ଜଣେ ଛାତ୍ରଙ୍କୁ ମଧ୍ୟ ବିନା ପାରିତୋଷିକରେ ତାଲିମ୍ ପାଇବାର ସୁଯୋଗ ମିଳୁଛି। ଭୁବନେଶ୍ୱରରେ ପାତ୍ରପଡ଼ାରେ ଥିବା ଏହି ଏସ୍ଆରଆଇସି କେନ୍ଦ୍ରର ତତ୍ତ୍ୱାବଧାକ ଏହି ସେବାରୁ ମିଳୁଥିବା ୪୦ ପ୍ରତିଶତ ରୋଜଗାରରୁ ଇଣ୍ଟରପ୍ରିନର୍ସ ଓ ଭଲେଣ୍ଟିୟର୍ସମାନଙ୍କୁ ୩୫ ପ୍ରତିଶତ ପ୍ରଦାନ କରୁଛି। ଏସ୍ଆରଆଇସି ମୁଖ୍ୟ ସୋମ୍ ରାୟ ପ୍ରତ୍ୟହ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ସଚେତନତା ସୃଷ୍ଟି କରୁଛନ୍ତି। ଏହାଦ୍ୱାରା ବଜାରରେ ଫାଇନାସିଆଲ ଆଡ଼ଭାଇଜର, ଲଜିଷ୍ଟିକ ସୁପରଭାଇଜର ଏବଂ ସେଲ୍‌ସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। କଷ୍ଟମର କେୟାର, ଆଇଟି ଏବଂ ବିପିଓ ସେକ୍ଟରରେ ଏହି ସେବା ଉପଲବ୍ଧ ହେବା ଫଳରେ ସେମାନଙ୍କ ପାଇଁ ଯୋଗାଯୋଗ ସହଜ ହୋଇପାରିଛି। ଭୁବନେଶ୍ୱରସ୍ଥିତ ଆର୍ଯ୍ୟା ପ୍ୟାଲେସ ହୋଟେଲରେ ଶ୍ରୀ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଏସ୍ଆରଆଇସିର ଝାଡ଼ଖଣ୍ଡ ମୁଖ୍ୟ ବିଭୁଦତ୍ତ ନାଗ, ଓଡ଼ିଶାର ଫୁଲବାଣି ଜିଲ୍ଲାର ଇଣ୍ଟରପ୍ରିନର କୈଳାସ ଚନ୍ଦ୍ର ସାହୁ, ଜଗତସିଂହପୁରର ଶାଶ୍ୱତୀ ପ୍ରିୟଦର୍ଶିନୀ, ମୟୁରଭଞ୍ଜର ଅନୀତା ବିଶ୍ୱାଳ, ଯାଜପୁରର ସୁଧାକର ପରିଡ଼ା, ରାୟଗଡ଼ାର ରାଜେନ୍ଦ୍ର ଗୌଡ଼, ବଲାଙ୍ଗୀର ଯୋଗଶେ ପଟେଲ ଓ ତୁଷାର ଦାସ ପ୍ରମୁଖ ଯୋଗ ଦେଇ ନିଜର ଅଭିଜ୍ଞତା ସେୟାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, କମ୍ପ୍ୟୁଟର ପ୍ରବୀଣ, ଇଣ୍ଟରପ୍ରିନର ଏବଂ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:**
10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
*For*
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
*Contact :*
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

**ADMISSION ON**
MAHARISHI PUBLIC SCHOOL
your gateway to complete education
*For*
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

